ବର୍ଷ-୨୬, ସଂଖ୍ୟା-୩୧୫
ଭୁବନେଶ୍ୱର
ନଭେମ୍ବର, ୨୫, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 315
Bhubaneswar
November,25, 2026,Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ସୂର୍ଯ୍ୟବଂଶୀଙ୍କ ବିସ୍ଫୋରଣ

କଟକ ଐତିହାସିକ ବାଲିଯାତ୍ରା ଉଦ୍‌ଘାଟିତ

ଅତୀତରୁ ପ୍ରେରଣା ନେଇ ବର୍ତ୍ତମାନ ଗଢ଼ିବା ଓ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା: ରାଷ୍ଟ୍ରପତି







କଟକ, ୨୪।୧୧(ମହାଭାରତ): ଓଡ଼ିଶାର ଗୌରବମୟ ଐତିହ୍ୟ, ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ସାଧବପୁଅଙ୍କ ସାହସିକ ସାମୁଦ୍ରିକ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିଛି ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରା। ଭାରତର ମାନନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଐତିହାସିକ ବାଲିଯାତ୍ରା-୨୦୨୬ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ସମୃଦ୍ଧ ଅତୀତକୁ ସ୍ମରଣ କରିବା ସହ ଆଗାମୀ ଦିନରେ ଏକ ବିକଶିତ ଓ ଶିଳ୍ପସମୃଦ୍ଧ ଓଡ଼ିଶା ଗଠନର ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଥିଲେ, ବାଲିଯାତ୍ରା ଏକ ଅନନ୍ୟ ପର୍ବ, ଯାହା ଓଡ଼ିଶାର ଗୌରବମୟ ଇତିହାସର ସ୍ମୃତିଚାରଣକରିଥାଏ। ସାମୁଦ୍ରିକ ବାଣିଜ୍ୟର ଇତିହାସ ଏକ ପରମ୍ପରାର ରୂପ ନେଇଛି ଏବଂ ସେହି ପରମ୍ପରା ଏବେ ଏକ ଉତ୍ସବରେ ପରିଣତ ହୋଇଛି। ଏହା ଓଡ଼ିଶାର ଲୋକମାନଙ୍କର ସୃଜନଶୀଳତା ଏବଂ ଐତିହାସିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।

ମହାନଦୀର ବକ୍ଷରେ ସୁସଜ୍ଜିତ ସ୍ୱତନ୍ତ୍ର ନୌକା 'କଳିଙ୍ଗ ତରଙ୍ଗିଣୀ'ରେ ଯାତ୍ରା କରି ବାଲିଯାତ୍ରା ପଡ଼ିଆରେ ପହଞ୍ଚିଥିଲେ ରାଷ୍ଟ୍ରପତି। ତାଙ୍କ ସହ ରାଜ୍ୟପାଳ ଶ୍ରୀଯୁକ୍ତ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ଗଡ଼ଗଡ଼ିଆ ଘାଟଠାରେ ପୁଣ୍ୟତୋୟା ମହାନଦୀର ଆଳତୀ, ପୂଜା ଓ କୀର୍ତ୍ତନ ସହ ବୋଇତ ବନ୍ଦାଣର ପାରମ୍ପରିକ ଆୟୋଜନ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରପତି ବୋଇତ ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଜଣାଇଥିଲେ।ସନ୍ଧ୍ୟାରେ ତଳ ବାଲିଯାତ୍ରା ପଡ଼ିଆସ୍ଥିତ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ବାଲିଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ସେ ଗାଡ଼ିରେ ବୁଲି ବାଲିଯାତ୍ରା ପଡ଼ିଆର ବିଭିନ୍ନ ଆକର୍ଷଣୀୟ ଆୟୋଜନ ଓ ଓରମାସ୍‌ର ଷ୍ଟଲ ପରିଦର୍ଶନ କରିଥିଲେ। ନିଜ ଅଭିଭାଷଣରେ ରାଷ୍ଟ୍ରପତି କହିଥିଲେ ଯେ, ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଅତ୍ୟନ୍ତ ଗୌରବମୟ। ଏକଦା ନୌବାଣିଜ୍ୟ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନରେ ରହିଥିଲା। ସାଧବପୁଅମାନେ ଅନେକ ବାଧାବିଘ୍ନ ଓ ବିପଦକୁ ସାମ୍ନା କରି ସମୁଦ୍ର ପଥରେ ବିଦେଶକୁ ଯାତ୍ରା କରୁଥିଲେ। ସେମାନଙ୍କ ସାହସ, ଉଦ୍ୟମ, ଦୂରଦୃଷ୍ଟି ଓ ବାଣିଜ୍ୟିକ ଦକ୍ଷତାରୁ ଆଜିର ଯୁବପିଢ଼ି ଅନେକ କିଛି ଶିଖିପାରିବେ ବୋଲି ସେ ମତ ଦେଇଥିଲେ।

ରାଷ୍ଟ୍ରପତି କହିଥିଲେ,ଓଡ଼ିଶାର ସାଧବପୁଅମାନେ ବାଣିଜ୍ୟ ଓ ବ୍ୟବସାୟ କରିବା ପାଇଁ ଦୂର ଦେଶକୁ ଯାତ୍ରା କରୁଥିଲେ। ବାଣିଜ୍ୟ ମାଧ୍ୟମରେ ସେମାନେ ଦେଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ସେମାନେ ନୂତନ ସାମୁଦ୍ରିକ ପଥ ଆବିଷ୍କାର କରିଥିଲେ ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ସୁଦୃଢ଼ କରିଥିଲେ। ସେମାନେ ସାଂସ୍କୃତିକ ସମ୍ପର୍କସ୍ଥାପନର ଏକ ମାଧ୍ୟମ ମଧ୍ୟ ସାଜିଥିଲେ।ଓଡ଼ିଶା ଏବଂ ବାଲି ମଧ୍ୟରେ ଥିବା ଐତିହାସିକ ସମ୍ପର୍କକୁ ଆଧୁନିକ ବାଣିଜ୍ୟିକ ଓ ସାଂସ୍କୃତିକ ସହଯୋଗରେ ରୂପାନ୍ତରିତ କରାଯାଇପାରିବ। ଇଣ୍ଡୋନେସିଆର ସାଂସ୍କୃତିକ ଦଳଗୁଡ଼ିକ ଏହି ବାଲି ଯାତ୍ରାରେ ଅଂଶଗ୍ରହଣ କରିବାକୁ ନେଇ ସେ ଖୁସି ବ୍ୟକ୍ତ କରିଥିଲେ।ସେ କହିଥିଲେ, ବାଲିରେମଧ୍ୟ ଦୁଇ ଦିନ ଧରି 'ଓଡ଼ିଶା ମହୋତ୍ସବ' ପାଳନ କରାଯାଉଛି, ଯେଉଁଥିରେ ଓଡ଼ିଶାର ନୃତ୍ୟ ଓ ସଙ୍ଗୀତ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହେଉଛି। ଏଭଳି ସାଂସ୍କୃତିକ ଆଦାନପ୍ରଦାନ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଥିବା ଐତିହାସିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବସେ ଆଶା ବ୍ୟକ୍ତ କରିଛନ୍ତି । ରାଷ୍ଟ୍ରପତି କହିଥିଲେ, ଅତୀତର ଗୌରବକୁ ନେଇ ଗର୍ବ କରିବା ଏବଂ ଆମ ପର୍ବପର୍ବାଣୀ ପାଳନ କରିବା ଏକ ଭଲ କଥା। କିନ୍ତୁ, ବର୍ତ୍ତମାନକୁ ଗଢ଼ିବା ଏବଂ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମକୁ ଅତୀତରୁ ପ୍ରେରଣା ନେବା ଉଚିତ୍। ବିଶେଷକରି ଆମର ଯୁବ ପିଢ଼ି, ଆମ ବ୍ୟବସାୟୀମାନଙ୍କ ସାହସ ଓ ଦକ୍ଷତାରୁ ଅନେକ କିଛି ଶିଖିପାରିବେ।ବିକଶିତ ଭାରତଗଠନ କରିବା ଆମର ଜାତୀୟ ଲକ୍ଷ୍ୟ। ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିଷ୍ଠା ବୃଦ୍ଧି ପାଇଛି। ବିଶ୍ୱର ଅନେକ ଅଞ୍ଚଳରେ ଅଶାନ୍ତି ଏବଂ ବିଶ୍ୱ ଅର୍ଥବ୍ୟବସ୍ଥାରେ ଅସ୍ଥିରତା ଥିବା ସତ୍ତ୍ୱେ, ଭାରତର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଛି। 'ବିକଶିତ ଭାରତ' ହେବା ଦିଗରେ ଆମ ଯାତ୍ରା ପାଇଁ ଏହା ଏକ ଆଶାପ୍ରଦ ସଙ୍କତ।ଓଡ଼ିଶା ଏକ ଶିଳ୍ପ କେନ୍ଦ୍ର ଭାବରେ ବିକଶିତହେବା ଏବଂ ଅଧିକରୁ ଅଧିକ ନିବେଶକଙ୍କୁ ଆକର୍ଷିତ କରୁଥିବାରୁରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶାର ଉଦ୍‌ଯୋଗୀ, କାରିଗର, ବୁଣାକାର ଏବଂ ଯୁବ ପିଢ଼ି ନିଜର ଦକ୍ଷତା ଓ ଉଦ୍ୟମଶୀଳତା ମାଧ୍ୟମରେ ରାଜ୍ୟର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି। 'ବିକଶିତ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ଦିଗରେ ସେମାନଙ୍କର ବର୍ଦ୍ଧିତ ଅବଦାନ ପ୍ରଗତିର ଏକ ଉତ୍ସାହଜନକ ସଙ୍କତ ବୋଲିରାଷ୍ଟ୍ରପତିକହିଥିଲେ।ଓଡ଼ିଶାର ଆଗାମୀ ଭବିଷ୍ୟତ ସମ୍ପର୍କରେ ଆଶା ପ୍ରକାଶ କରି ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂରଣ କରିବ। ଏହି ଐତିହାସିକ ମାଇଲଖୁଣ୍ଟ ପୂର୍ବରୁ ରାଜ୍ୟ ବିକାଶର ନୂଆ ଶିଖର ଛୁଇଁବା ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶା ଦେଶର ଏକ ପ୍ରମୁଖ ଶିଳ୍ପ ହବ୍ ଭାବେ ଉଭା ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ଏହି ପରିପ୍ରେକ୍ଷୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ସ୍ମରଣ କରିଥିଲେ ରାଷ୍ଟ୍ରପତି। ୧୯୦୪ ମସିହାରେ କଟକରେ ମଧୁବାବୁ ପ୍ରତିଷ୍ଠା କରିଥିବା 'ଉତ୍କଳ ଟ୍ୟାନେରୀ' ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ଉଦ୍‌ଯୋଗ ଓ ଆତ୍ମନିର୍ଭରଶୀଳତାର ଏକ ପ୍ରେରଣାଦାୟୀ ଉଦାହରଣ ବୋଲି ସେ ଉଲ୍ଲେଖ କରିଥିଲେ। ନିଜ ଉଦ୍ୟମ ଓ ଦୂରଦୃଷ୍ଟି ବଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାରେ ମଧୁବାବୁଙ୍କ ଭୂମିକା ଆଜି ମଧ୍ୟ ସ୍ମରଣୀୟ ବୋଲି ସେ କହିଥିଲେ।ନିଜ ଅଭିଭାଷଣର ଶେଷ ଭାଗରେ ପରିବେଶ ସୁରକ୍ଷା ଓ ନଦୀର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ ରାଷ୍ଟ୍ରପତି। ନଦୀ ଆମ ମାଆ, ତେଣୁ ତାକୁ ପ୍ରଦୂଷିତ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ। ବାଲିଯାତ୍ରା ଭଳି ବୃହତ୍ ମେଳା ଆୟୋଜନ ପରେ ମହାନଦୀ ଓ ଏହାର ପରିବେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ। ନଦୀରେ ଆବର୍ଜନା ନ ପକାଇବା ସହ ଏହାର ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ।ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୋସ ଉପସ୍ଥିତ ଥିଲେ। ଏଥିସହ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇଥିଲେ।

ଏନଡିଏକୁ ଅକାଳୀ ଦଳର ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୨୪।୧୧(ମହାଭାରତ): : ୬ ବର୍ଷ ପରେ ଏନ୍‌ଡିଏକୁ ଫେରିଲା ଶିରୋମଣି ଅକାଳୀ ଦଳ। ପୁଣି ଏକାଠି ହେଲେ ବିଜେପି ଓ ଅକାଳୀ ଦଳ। ବିବାଦୀୟ ତିନି କୃଷି ଆଇନକୁ ବିରୋଧ କରି ବିଜେପିଠାରୁ ଦୂରେଇ ଯାଇଥିଲା ଦଳ। ଆଉ ଏବେ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଏକାଠି ହୋଇଛନ୍ତି ଦୁଇ ଦଳ।

ଶିରୋମଣି ଅକାଳୀ ଦଳ ଏନ୍‌ଡିଏକୁ ଫେରିଥିବା ନେଇ ମଙ୍ଗଳବାର ଘୋଷଣା କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଏହା ସହିତ ବିଜେପି ଓ ଅକାଳୀ ଦଳ ଏକାଠି ହୋଇ ୨୦୨୬ ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି।ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି ଅମିତ ଶାହ। ଏଥିରେ ଶିରୋମଣି ଅକାଳୀ ଦଳ ମୁଖ୍ୟ ସୁଖବୀର ସିଂହ ବାଦଲ ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତୀନ ନବୀନ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅମିତ ଶାହ କହିଥିଲେ, ଅକାଳୀ ଦଳ ଆମର ସର୍ବପୁରାତନ ସାଥୀ। ଆମେ ଅନେକ ନିର୍ବାଚନ ଏକାଠି ଲଢ଼ିଛୁ। କିଛି ଜିତିଛୁ ଓ କିଛି ହାରିଛୁ। କିନ୍ତୁ ଆମ ସମ୍ପର୍କ ଭାଙ୍ଗି ଯାଇଥିଲା। ଆଜି ଏହି ସମ୍ପର୍କର ପୁନରୁଦ୍ଧାର ହୋଇଛି। ଆଉ ଏହାକୁ ନେଇ ଆମେ ଖୁବ୍ ଖୁସି।ଅମିତ ଶାହ କହିଥିଲେ ଯେ ଅକାଳୀ ଦଳର ପ୍ରତ୍ୟାବର୍ତ୍ତନ ଏନ୍‌ଡିଏକୁ ସଂପୂର୍ଣ୍ଣ କରିବ। ଏହା ସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରକାଶ ସିଂହ ବାଦଲ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀ ଏବଂ ଦୁଇ ଦଳର ଅନ୍ୟ ନେତାଙ୍କ ମଧ୍ୟରେ ଥିବା ଦୀର୍ଘ ସଂପର୍କକୁ ସ୍ମରଣ କରିଥିଲେ। ସେ କହିଥିଲେ, ଏହି ମେଣ୍ଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକଟ କରିଛନ୍ତି। ଏହି ମେଣ୍ଟ ହିନ୍ଦୁ-ଶିଖ ଭାଇଚାରାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରୀ ଶାହ କହିଥିଲେ ଯେ ପଞ୍ଜାବକୁ ନିଶା ଓ ଦୁର୍ନୀତି ମୁକ୍ତ କରିବା, ଜାତୀୟତାବାଦୀ ବିଚାରଧାରାକୁ ମଜବୁତ କରିବା ଓ କୃଷକମାନଙ୍କ ସମସ୍ୟାର ସମାଧାନ କରିବା ବିଜେପି ଓ ଅକାଳୀ ଦଳ ମେଣ୍ଟର ପ୍ରାଥମିକତା ହେବ। ୨୦୨୯ ସୁଦ୍ଧା ପଞ୍ଜାବକୁ ନିଶାମୁକ୍ତ କରାଯିବ। ଏହି ଅବସରରେ ସେ ବର୍ତ୍ତମାନର ଆପ ସରକାର ଓ ପୂର୍ବର କଂଗ୍ରେସ ସରକାରକୁ ସମାଲୋଚନା କରିଥିଲେ। ପଞ୍ଜାବକୁ ନିଶାମୁକ୍ତ କରିବା ପାଇଁ ଏହି ସରକାରମାନେ କିଛି କରି ନଥିବା ସେ କହିଥିଲେ। ଯଦିଓ ପଞ୍ଜାବ ନିର୍ବାଚନ ପାଇଁ ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ସଂପର୍କରେ ଅମିତ ଶାହ କୌଣସି ସୂଚନା ଦେଇ ନଥିଲେ ତେବେ ଏହା ସ୍ପଷ୍ଟ କରିଥିଲେ ଯେ ମେଣ୍ଟରେ ଶିରୋମଣି ଅକାଳୀ ଦଳ 'ବଡ଼ ଭାଇ' ହୋଇ ରହିବ। ମୁଖ୍ୟମନ୍ତ୍ରୀ ମଧ୍ୟ ପଞ୍ଜାବର ଏହି ଦଳର ହେବେ। ଉଭୟ ଦଳ ପଞ୍ଜାବରେ ୧୧୭ଟି ଆସନରେ ଲଢ଼ିବେ ବୋଲି ଶ୍ରୀ ଶାହ ଘୋଷଣା କରିଛନ୍ତି।

ଥାନା ପରିସରରୁ ଏସ୍‌ଆଇଙ୍କ ମୃତଦେହ

ଭୁବନେଶ୍ୱର, ୨୪।୧୧ (ମହାଭାରତ): ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନାର ସବଇନ୍‌ସପେକ୍ଟର ବାପୁଜୀ ମଲ୍ଲିକଙ୍କ ମୃତ୍ୟୁ। ୫୮ ବର୍ଷ ବୟସରେ ଆଖି ବୁଜିଛନ୍ତି ବାପୁଜୀ । ଥାନା ପରିସରରେ ଥିବା ତାଙ୍କ ଆବାସରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ବାପୁଜୀ ମଲ୍ଲିକଙ୍କ ଘର ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅନ୍ତର୍ଗତ ସିଦ୍ଧପଦର ଗାଁରେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ତାଙ୍କୁ ଫୋନ୍‌କରିବା ପରେ ଫୋନ୍‌ନ ଉଠାଇବାରୁ ଥାନା କର୍ମଚାରୀ ତାଙ୍କ ଆବାସକୁ ଯାଇ ଦେଖିଥିଲେ। ସେଠାରେ ସେ ପଡ଼ିଥିବା ଅବସ୍ଥାରେ ମିଳିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାକୁନିଆଯାଇଥିଲା। ପୂର୍ବରୁ ବାପୁଜୀ ମଲ୍ଲିକ ହୃଦରୋଗରେ ପଡ଼ିତ ହୋଇ ଚିକିତ୍ସା ହୋଇଥିବା ସୂଚନା ମିଳିଛି। ତାଙ୍କ ମୃତ୍ୟୁକୁ ନେଇ ଶୋକର ଛାୟା ଖେଳିଯାଇଛି।

ଓଡ଼ିଶାରେ ବର୍ଷକୁ ୨୧୦୦କୋଟିରୁ ଅଧିକ ଟଙ୍କାର ସିଗାରେଟ୍ ବିକ୍ରି

ଭୁବନେଶ୍ୱର ୨୪।୧୧(ମହାଭାରତ): ଚାଲିଛି ବିଧାନସଭା ଶୀତ ଅଧିବେଶନ। ଗୃହରେ ଉଠୁଛି ଗୋଟିଏ ପରେ ଗୋଟିଏ ପ୍ରସଙ୍ଗ। ବିଭିନ୍ନ ବିଷୟକୁ ନେଇ ହେଉଛି ଆଲୋଚନା। ଏହାରି ଭିତରେ ସିଗାରେଟ୍ ବିକ୍ରିକୁ ନେଇ ସାମ୍ନାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। ଓଡ଼ିଶାରେ ବର୍ଷକୁ ୨୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସିଗାରେଟ୍ ବିକ୍ରି ହେଉଛି। ଅର୍ଥାତ୍ ଦିନକୁ ହାରାହାରି ପ୍ରାୟ ୫.୭୬ କୋଟି ଟଙ୍କାର ସିଗାରେଟ୍ ବିକ୍ରି ହେଉଛି। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ରାଜ୍ୟରେ ଧୂମପାନର ବଢୁଥିବା ପ୍ରଭାବକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ସିଗାରେଟ୍ ବିକ୍ରିର ମୋଟ ଟିକସଯୋଗ୍ୟ ମୂଲ୍ୟ ୨,୧୦୩ କୋଟି ୯୬ ଲକ୍ଷ ଟଙ୍କା ରହିଛି। ଏଥିରୁ ରାଜ୍ୟ ସରକାର ୩୧୯ କୋଟି ୫୪ ଲକ୍ଷ ଟଙ୍କାର ଏସଜିଏସ୍‌ଟି ରାଜସ୍ୱ ପାଇଛନ୍ତି। ଏହି ହିସାବକୁ ଦେଖିଲେ ଦୈନିକ ହାରାହାରି ୬ କୋଟି ଟଙ୍କା ପାଖାପାଖି ସିଗାରେଟ୍ ବିକ୍ରି ହେଉଥିବା ସ୍ପଷ୍ଟ ହେଉଛି ।କେବଳ ବିକ୍ରିର ପରିମାଣ ନୁହେଁ, ସିଗାରେଟ୍ ଉପରେ ଲାଗୁଥିବା ଟିକସ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଗୃହରେ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୧୭ ଜୁଲାଇ ୧ରେ ଏଝଞ ଲାଗୁ ହେବା ପରଠାରୁ



୨୦୨୬ ଜାନୁଆରୀ ୩୧ ପର୍ଯ୍ୟନ୍ତ ସିଗାରେଟ୍ ଉପରେ ୨୮ ପ୍ରତିଶତ ଏଝଞ ସହ କମ୍‌ପେନସେସନ୍ ସେସ୍ ଲାଗୁ ହେଉଥିଲା। ତେବେ ୨୦୨୬ ଫେବ୍ରୁଆରୀ ୧ରୁ ଏହି ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ଏବେ ସିଗାରେଟ୍ ଉପରେ ୪୦ ପ୍ରତିଶତ ଜିଏସଟି ଲାଗୁ ହେଉଛି। ଏଥିରେ ୨୦ ପ୍ରତିଶତ ଏସଜିଏସଟି ଓ ୨୦ ପ୍ରତିଶତ ଉଏଝଞ ରହିଛି। ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଣ୍ଟ୍ରାଲ ଏକ୍ସାଇଜ୍ ଡ୍ୟୁଟି ମଧ୍ୟ ଲାଗୁ ହେଉଛି ।ସିଗାରେଟ୍ ବିକ୍ରିର ଏହି ବଡ଼ ହିସାବ ମଧ୍ୟରେ ସବୁଠାରୁ ଚିନ୍ତାର ବିଷୟ ହେଉଛି ଏହାର ସ୍ୱାସ୍ଥ୍ୟଗତ ପ୍ରଭାବ। ସିଗାରେଟରେ ଥିବା ନିକୋଟିନ୍ ଏକ ନିଶାକାରକ ପଦାର୍ଥ। ଥରେ ଅଭ୍ୟାସରେ ପଡ଼ିଗଲେ ଏଥିରୁ ମୁକୁଳିବା ଅନେକଙ୍କ ପାଇଁ କଷ୍ଟକର ହୋଇଥାଏ। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଧୂମପାନ ଏକ ଚିନ୍ତାର ବିଷୟ ପାଲଟିଛି। ବନ୍ଧୁଙ୍କ ସହ ମିଳାମିଶା, ଷ୍ଟାଇଲ୍ କିମ୍ବା ଚାପରୁ ମୁକ୍ତି ପାଇବା ଆଳରେ ଅନେକ ଯୁବକ ଏହି ଅଭ୍ୟାସ ଆରମ୍ଭ କରୁଛନ୍ତି ।ଡାକ୍ତରଙ୍କ ମତରେ, ଦୀର୍ଘଦିନ ଧରି ଧୂମପାନ କରିବା ଦ୍ୱାରା ଫୁସଫୁସ୍ କର୍କଟ, ହୃଦ୍‌ରୋଗ ଏବଂ ଶ୍ୱାସଜନିତ ରୋଗର ଆଶଙ୍କା ବଢ଼ିଥାଏ। କେବଳ ସିଗାରେଟ୍ ପିଉଥିବା ବ୍ୟକ୍ତି ନୁହନ୍ତି, ତାଙ୍କ ଆଖପାଖରେ ରହୁଥିବା ଲୋକେ ମଧ୍ୟ ପରୋକ୍ଷ ଧୂମପାନର ଶିକାର ହୋଇଥାନ୍ତି। ଏହା ଶିଶୁ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଦଜନକ।

ବିଶ୍ୱ ଦରବାରରେ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରୁଛି ବୋଇତ ବନ୍ଦାଣ ପରମ୍ପରା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୧(ମହାଭାରତ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଐତିହାସିକ 'ବୋଇତ ବନ୍ଦାଣ ଉତ୍ସବ' ତଥା ପାରାଦୀପ ବନ୍ଦର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ପାରାଦୀପ ବନ୍ଦର ପରିସରରେ ଆୟୋଜିତ ସମାରୋହରେ ଯୋଗଦେଇ ଓଡ଼ିଶାର ଗୌରବମୟ ନୌ-ବାଣିଜ୍ୟ ପରମ୍ପରା, ସାଂସ୍କୃତିକ ଶିଳ୍ପ ଅଭିବୃଦ୍ଧି ଏବଂ ଭବିଷ୍ୟତର ସାମୁଦ୍ରିକ ଭିତ୍ତିଭୂମି ବିକାଶ ଉପରେ ବିସ୍ତୃତ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି।

ପ୍ରାଚୀନ କଳିଙ୍ଗର ସାଧବପୁଅମାନେ ଦକ୍ଷିଣ-ପୂର୍ବ ଏସିଆର ଜାଭା, ସୁମାତ୍ରା, ବାଲି, ବୋର୍ଣ



ଜୀବନଚର୍ଯ୍ୟା



ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିଷ୍ଟା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

ଆବଶ୍ୟକ ସାମଗ୍ରୀ:

୩ଟି ମଧ୍ୟମ ଆକାରର ସେଓ,୧ ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିଷ୍ଟା

ପ୍ରସ୍ତୁତି ପ୍ରଣାଳୀ:

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିଷ୍ଟା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ଖବର .....

ନେପାଳରେ ସର୍ବାଧିକ ଆୟ କରିଥିବା ଭାରତୀୟ ଫିଲ୍ମ ହେଲା 'ରାମାୟଣ'



ବକ୍ସ ଅଫିସ୍‌ରେ ଧମାଲ୍ କରୁଛି ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ରାମାୟଣ'। କେବଳ ଭାରତ ନୁହେଁ, ପଡ଼ୋଶୀ ଦେଶ ନେପାଳରେ ମଧ୍ୟ ଫିଲ୍ମଟି ନୂଆ ଇତିହାସ ରଚିଛି। ଆୟ କ୍ଷେତ୍ରରେ ଅଲ୍ଲୁ ଅର୍ଜୁନଙ୍କ ବ୍ଲକ୍‌ବଷ୍ଟର ଫିଲ୍ମ 'ପୁଷ୍ପା-୨'କୁ ପଛରେ ପକାଇ ନେପାଳରେ ସର୍ବାଧିକ ଆୟ କରିଥିବା ଭାରତୀୟ ଫିଲ୍ମର ମାନ୍ୟତା ହାସଲ କରିଛି 'ରାମାୟଣ'। ଫିଲ୍ମର ଏହି ସଫଳତାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି ।ରିପୋର୍ଟ ଅନୁଯାୟୀ, ନେପାଳରେ 'ରାମାୟଣ' ମୋଟ ୨୬.୯୦ କୋଟି ନେପାଳୀ ଟଙ୍କା ଆୟ କରିଛି। ଏହି ଆୟ ସହ ଫିଲ୍ମଟି ପୂର୍ବରୁ ରେକର୍ଡ ରଖିଥିବା 'ପୁଷ୍ପା-୨'କୁ ଅତିକ୍ରମ କରିଛି। ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା-୨' ନେପାଳରେ ୨୬.୪୬ କୋଟି ନେପାଳୀ ଟଙ୍କା ଆୟ କରି ଦ୍ୱିତୀୟ ସ୍ଥାନକୁ ଖସିଛି। ଏହାପରେ ପ୍ରଭାସଙ୍କ 'ବାହୁବଳୀ-୨' ୨୩ କୋଟି, ୟଶଙ୍କ 'କେଜିଏଫ୍ ଚାପ୍ଟର-୨' ୧୯.୮୦ କୋଟି ଏବଂ 'ଆରଆରଆର' ୧୭.୧୨ କୋଟି ନେପାଳୀ ଟଙ୍କା ଆୟ ସହ ତାଲିକାରେ ରହିଛି। ଏହି ସଫଳତାର ଆଉ ଏକ ବିଶେଷ ଦିଗ ହେଉଛି, ନେପାଳରେ ଏପର୍ଯ୍ୟନ୍ତ ଦକ୍ଷିଣ ଭାରତୀୟ ସିନେମାର ଦବ୍‌ଦବା ରହିଆସିଥିଲା। ବିଶେଷକରି ତେଲୁଗୁ ଓ କନ୍ନଡ଼ ଫିଲ୍ମଗୁଡ଼ିକ ସେଠାରେ ଭଲ ବ୍ୟବସାୟ କରୁଥିଲେ। ଏପରି ସ୍ଥିତିରେ ଏକ ହିନ୍ଦୀ ଫିଲ୍ମ ଭାବେ 'ରାମାୟଣ' ସମସ୍ତଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିବା ବଲିଉଡ୍ ପାଇଁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି ।ତେବେ ନେପାଳରେ ଫିଲ୍ମଟିର ଏହି ସଫଳତା ପଛରେ ଧାର୍ମିକ ଓ ସାଂସ୍କୃତିକ ସମ୍ପର୍କର ମଧ୍ୟ ବଡ଼ ଭୂମିକା ରହିଛି। ନେପାଳର ଜନକପୁରକୁ ମାତା ସୀତାଙ୍କ ଜନ୍ମସ୍ଥାନ ଭାବେ ମାନ୍ୟତା ଦିଆଯାଏ। ଭଗବାନ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ସହ ଜଡ଼ିତ ଅନେକ ପରମ୍ପରା ଆଜି ମଧ୍ୟ ସେଠାକାର ଲୋକଙ୍କ ଜୀବନର ଅଂଶବିଶେଷ। ଏହି କାରଣରୁ 'ରାମାୟଣ'ର କାହାଣୀ ନେପାଳବାସୀଙ୍କ ପାଇଁ କେବଳ ମନୋରଞ୍ଜନ ନୁହେଁ, ବରଂ ଆସ୍ଥା ଓ ଭାବନା ସହ ମଧ୍ୟ ଜଡ଼ିତ। ତେଣୁ ଫିଲ୍ମଟିକୁ ଦର୍ଶକଙ୍କ ଭଲ ପାଇବା ମିଳୁଥିବା କୁହାଯାଉଛି।

ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ

ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ



ଜଳଖିଆରେ ଦୈନଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂଣ୍ଡତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

ଘର କିମ୍ବା ଅଫିସ୍‌ରେ କିପରି ରଖିବେ ମାଛ ଆକ୍ୱାରିୟମ

ଘର କିମ୍ବା ଅଫିସରେ ଏପରି ରଖନ୍ତୁ ମାଛ ଆକ୍ୱାରିୟମ୍ ଘରେ କିମ୍ବା ଅଫିସରେ ମାଛ ଆକ୍ୱାରିୟମ୍ ରଖିବା ସମୟରେ କିଛି କଥା ପ୍ରତି ଧ୍ୟାନ ରଖିବା ଉଚିତ। ଏହାକୁ ଯଦି ଠିକ୍ ସ୍ଥାନ ଏବଂ ଦିଗରେ ରଖାଯିବ ତେବେ ଏହା ପରିବାର ଲୋକଙ୍କ ଖୁସିର କାରଣ ହୋଇପାରେ। ଆକ୍ୱାରିୟମ୍ ଭିତରେ ବୋହୁଥିବା ପାଣିର ଶବ୍ଦ ଘରେ ସକରାତ୍ମକ ଶକ୍ତିର ପ୍ରବାହ ଏବଂ ଖୁସିକୁ ମଧ୍ୟ ବଢ଼ାଇଥାଏ। ଆକ୍ୱାରିୟମକୁ ପୂର୍ବ, ଉତ୍ତର ଏବଂ ପୂର୍ବ-ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। ଘରର ଉତ୍ତର ଭାଗ କ୍ୟାରିୟରର ପ୍ରତିନିଧିତ୍ୱ କରିଥାଏ ଏବଂ ପୂର୍ବ ଭାଗ ସୁଖକୁ ଦର୍ଶାଇଥାଏ।



ଦାମ୍ପତ୍ୟ ଜୀବନରେ ପାରସ୍ପରିକ ପ୍ରେମ ବଜାୟ ରଖିବା ପାଇଁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ରଖିବା ଉଚିତ। ତେଣୁ ଏହାକୁ ଡାହାଣ ପାର୍ଶ୍ୱରେ ରଖିବା ଦ୍ୱାରା ଘରର ପୁରୁଷଙ୍କ ମନ ଚଞ୍ଚଳ ହୋଇଥାଏ।

ମାଛ ଆକ୍ୱରିୟମକୁ ରୋଷେଇ ଘର କିମ୍ବା ବେଡରୁମରେ ରଖିବା ଅନୁଚିତ। ଏହି ସ୍ଥାନରେ ଆକ୍ୱରିୟମ୍ ରଖିବା ଦ୍ୱାରା ନାକାରାତ୍ମକ ଶକ୍ତି ବ୍ୟାପିଥାଏ। ଆକ୍ୱାରିୟମ୍ ଭିତରେ ସମସ୍ତ ୫ଟି ତତ୍ତ୍ୱ ସନ୍ତୁଳନ ସହ ରହିଛି। ଯେତେବେଳେ ଏହି ୫ଟି ତତ୍ତ୍ୱ ପରସ୍ପର ସହ ମିଶିଥାଏ ତେବେ ଏହି ଶକ୍ତିକୁ ପ୍ରବାହିତ କରିଥାଏ।

ଆକ୍ୱାରିୟମ୍ ଭିତରେ ଏକ କଳା ମାଛ ଏବଂ ୮-୯ଟି ନାରଙ୍ଗୀ ମାଛ ରହିବା ଉଚିତ।

ଆକ୍ୱାରିୟମର କୌଣସି ମାଛ ମରିଯାଇଥିଲେ ଏହାକୁ ଶୀଘ୍ର ହଟାଇ ତାହା ସ୍ଥାନରେ ନୂଆ ମାଛକୁ ଫିଶ ଟ୍ୟାଙ୍କରେ ପକାନ୍ତୁ।

ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍‌ରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍‌ର । ଦେବଗଡ ସହରବାସୀଙ୍କ ଆରାଧ୍ୟ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ଝୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଗଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍‌ର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍‌ରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ୍ୟ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍‌ର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି । ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଏତିହ୍ୟ ଭରା ଦେବଦୁର୍ଗ ଝାଡେଶ୍‌ର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ରାମବାଣ ଆଳୁ

ଆଜିକାଲି ଅଧିକାଂଶ ଲୋକ ରାତିରେ ବିଳମ୍ବରେ ଶୋଉଛନ୍ତି। ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଉଛନ୍ତି ଲୋକେ। ବିଶେଷକରି ରାତି ସମୟରେ ଅଧିକ ମୋବାଇଲ ବ୍ୟବହାର କରିଥାନ୍ତି। ଯେଉଁଥିପାଇଁ



ଆଖି ତଳେ କଳା ଦାଗ ହୋଇଯାଏ। ଏହା ବର୍ତ୍ତମାନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଭାରତରେ ମହିଳାମାନଙ୍କ ମଧ୍ୟରେ ରକ୍ତଭାବ ବା ଏନିମିଆ ମଧ୍ୟ ଏକ ସାଧାରଣ ସମସ୍ୟା। ଅଧିକାଂଶ ଲୋକ ଓଜନ କମ କରିବାକୁ ଯାଇ ଆଳୁ ଖାଉନାହାନ୍ତି। କିନ୍ତୁ ଆଳୁର ଅନେକ ଫାଇଦା ମଧ୍ୟ ଅଛି। ଯଦି ଆପଣଙ୍କ ଚୁଟି ପାଚି ଯାଉଛି ଆଉ ଆପଣ ରଙ୍ଗ କରୁଛନ୍ତି ତାହେଲେ ହେୟାର କଲର ପରିବର୍ତ୍ତେ ଆଳୁ ଚୋପା ବ୍ୟବହାର କରିପାରିବେ। ଗୋଟିଏ ଗିନା ଆଳୁ ଚୋପାକୁ ଅଧା ଲିଟର ପାଣିରେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଫୁଟି ୪-୫ ଚାମଚ ହୋଇଗଲେ ତାକୁ ଥଣ୍ଡା କରି କେଶ ମୂଳରେ ଲଗାନ୍ତୁ। ଆଳୁ ଚୋପା ରକ୍ତଚାପ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୋଇଥାଏ। ଆଳୁରେ ଭିଟାମିନ-ସି ଓ ପୋଟାସିୟମ ରହିଛି। ଏହି ଦୁଇଟି ଭିଟାମିନ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଆଳୁକୁ ସବୁବେଳେ ଚୋପା ସହ ବ୍ୟବହାର କରିବ ଉଚିତ। ଆଳୁ ଚୋପାରେ ଭରପୁର ମାତ୍ରାରେ କ୍ୟାଲସିୟମ ଓ ଭିଟାମିନ-ବି କମ୍ପ୍ଲେକ୍ସ ରହିଛି। ଆଳୁ ଖାଇବା ଦ୍ୱାରା ହାଡ ମଜବୁତ ହୋଇଥାଏ ଓ ଶରୀରକୁ ଶକ୍ତି ମିଳିଥାଏ। ସେଥିପାଇଁ ଭୋଜନରେ ଆଳୁକୁ ନିଶ୍ଚୟ ସାମିଲ କରନ୍ତୁ। ଓଜନ କମ କରିବାକୁ ଆଳୁ ନ ଖାଇବାକୁ ଅନେକ ଲୋକଙ୍କୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଯେକୌଣସି ଜିନିଷ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ଠିକ ସେହିଭଳି ଆଳୁ ମଧ୍ୟ ନିୟନ୍ତ୍ରିତ ମାତ୍ରାରେ ଖାଇବା ହାନିକାରକ ନୁହେଁ। ସେଥିପାଇଁ ଭୋଜନରେ କିଛି ମାତ୍ରାରେ ଆଳୁ ନିଶ୍ଚୟ ସାମିଲ କରନ୍ତୁ। ଶରୀରକୁ କିଛି ମାତ୍ରାରେ ଫ୍ୟାଟ ଓ ଗ୍ଲୁକୋଜ ମଧ୍ୟ ଆବଶ୍ୟକ ହୋଇଥାଏ ଯାହା ଆଳୁ ପୁରା କରିଥାଏ।

ନଗରନକ୍ସା ମହାନଗରର ନିଜ ଭାଷା

ମିଶନ ଶକ୍ତି ମହିଳାଙ୍କୁ ମିଳିଲା ସୁଭଦ୍ରା ଶକ୍ତି ବ୍ରାଣ୍ଡ

ଭୁବନେଶ୍ୱର, ୨୪।୧୧ (ମହାଭାରତ): ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତୀକରଣ, ଉଦ୍ୟୋଗ ବିକାଶ ଓ ସ୍ଥାୟୀ ଜୀବିକା ସୃଷ୍ଟିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩,୨୬,୩୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୪୭.୩୪ କୋଟି ଟଙ୍କାର ସୁଧ ଫେରସ୍ତ ସହାୟତା ପ୍ରଦାନ କରାଯାଇଛି। ଏଥିସହ ୨୭ଟି ଜିଲ୍ଲାର ୮,୯୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୬.୦୩ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୨୨ଟି ଜିଲ୍ଲାର ୨୦୪ଟି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୬୦.୪୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୧୦ଟି ଜିଲ୍ଲାର ୩୭୬ଟି ଆଞ୍ଚଳିକ ମଞ୍ଚକୁ ୫.୩୬ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ପ୍ରଦାନ କରାଯାଇଛି। ଏହି ଆର୍ଥିକ ସହାୟତା ମହିଳାମାନଙ୍କ ଉଦ୍ୟୋଗ ଓ ଜୀବିକାଭିତ୍ତିକ କାର୍ଯ୍ୟକଳାପର ସମ୍ପ୍ରସାରଣରେ ସହାୟକ ହେବ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୨୦,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।



ସୁଭଦ୍ରା ଶକ୍ତି ବଜାରର ଏକ ନୂତନ ଉତ୍ପାଦ କ୍ୟାଟାଲଗ୍ କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉନ୍ମୋଚନ କରିଛନ୍ତି। ଏହି କ୍ୟାଟାଲଗ୍ ରେ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିବିଧ ପ୍ରକାରର ଉତ୍ପାଦଗୁଡ଼ିକୁ ସ୍ଥାନ ଦିଆଯାଇଛି। ଏହା ମହିଳାମାନଙ୍କର ସୃଜନଶୀଳତା, ଉତ୍କୃଷ୍ଟ କାରିଗରୀ ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରତିଫଳିତ କରୁଛି।

ସେହିପରି ସମାବେଶୀ ଆଜୀବିକା ଯୋଜନା ଅଧୀନରେ ବିଶେଷକରି ପ୍ରବାସନପ୍ରବଣ ଅଂଚଳର ଅତି ଦୁର୍ବଳ ପରିବାରଗୁଡ଼ିକର ଜୀବିକା ସୁଦୃଢ଼ୀକରଣ, ସାମାଜିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଓ ସରକାରୀ ସୁବିଧା ସହ ସଂଯୋଗ ସ୍ଥାପନ ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଓ ଦି ନଜ୍ ଲାଇଫ୍ ସ୍କିଲ୍ସ ଫାଉଣ୍ଡେସନ୍ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କାର୍ଯ୍ୟକ୍ରମରେ 'ସୁଭଦ୍ରା ଶକ୍ତି' ବ୍ରାଣ୍ଡ ଅଧୀନରେ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ର ବୈଷୟିକ ସହଯୋଗରେ ପ୍ରସ୍ତୁତ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ବିଶିଷ୍ଟ ଚାଉଳଭିତ୍ତିକ ଇଡ୍ ?ଲି ରାଓ୍ୱା, ଚୁଡ଼ା, ଚାଉଳ ଓ ମିଲେଟ୍ ଭିତ୍ତିକ ପୁଷ୍ଟିକର କୁକିଜ୍ ଏବଂ ପ୍ରିମିୟମ୍ ସୁଗନ୍ଧିତ କଳାଜିରା ଚାଉଳର ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କୃଷିଜାତ ଉତ୍ପାଦର ମୂଲ୍ୟବୃଦ୍ଧି ସହ ମହିଳା ପରିଚାଳିତ ଉତ୍ପାଦକ ସଂସ୍ଥାଗୁଡ଼ିକ ପାଇଁ ନୂତନ ଆୟ ଓ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ।

ଏଥିସହ ମହିଳା କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ବଜାର ସଂଯୋଗ ସମ୍ପ୍ରସାରଣ ନିମନ୍ତେ ୬ଟି ବ୍ୟବସାୟିକ ବୁଝାମଣାପତ୍ର ଓ ସହଭାଗିତା ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ୪ କୋଟି ୫୬ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ସମ୍ଭାବ୍ୟ ବ୍ୟବସାୟିକ କାରବାରର ସୁଯୋଗ ସୃଷ୍ଟି ହୋଇଛି। ଏହି ସହଭାଗିତାରେ ଉତରାଖଣ୍ଡର କିଡ୍ସି କିଷାନ ଓ୍ୱିଣ୍ଡୋ , ତେଲଙ୍ଗାନାର ବଜ୍ରତେଜା ରାଇସ୍ କ୍ଲଷ୍ଟର ପ୍ରା ଲି., କଳାହାଣ୍ଡିର ବିଜୟଲକ୍ଷ୍ମୀ ପାଡି ଆଣ୍ଡ ଆଗ୍ରୋ ପ୍ରା ଲି ., ଭୁବନେଶ୍ୱରର ଭିଲା ମାର୍ଟ ନ, ଗୁରୁଗ୍ରାମର କିଷାନସେ ଆଗଟେକ୍ ପ୍ରା ଲି. ଏବଂ ପାରଳାଖେମୁଣ୍ଡିର ଇସେ ନାଚୁରାଲସ୍ ଆଣ୍ଡ ନ୍ୟୁଟ୍ରିସନ୍ ପ୍ରାଲି . ସାମିଲ ହୋଇଛନ୍ତି। ଏହାଦ୍ୱାରା କଳାଜିରା ଚାଉଳ, ଲୋ-ଜିଆଇ ଚାଉଳ, ଚୁଡ଼ା, ଇଡ୍ଲି ରାଓ୍ୱା ଓ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପାଇଁ ଅନୁଷ୍ଠାନିକ କ୍ରୟ ଓ ସିଧାସଳଖ ଗ୍ରାହକ ବଜାର ସଂଯୋଗ ଅଧିକ ସୁଦୃଢ଼ ହେବ। ମହିଳା ଉଦ୍ୟୋଗୀଙ୍କ ଉତ୍ପାଦକୁ ଡିଜିଟାଲ୍ ବଜାରରେ ପହଞ୍ଚାଇବା ଦିଗରେ ଭୁବନେଶ୍ୱରସ୍ଥିତ ଭିଲା ମାର୍ଟର ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀର 'ସୁଭଦ୍ରା ଶକ୍ତି' ବ୍ରାଣ୍ଡ ଅଧୀନରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉତ୍ପାଦର ଅନଲାଇନ୍ ପ୍ରଦର୍ଶନ ଓ ପ୍ରଚାରର ଶୁଭାରମ୍ଭ କରାଯାଇଛି। ଏହା ମହିଳା ଉଦ୍ୟୋଗୀଙ୍କ ଉତ୍ପାଦର ବଜାର ପରିସର ବୃଦ୍ଧି ସହ ନୂତନ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ସୃଷ୍ଟି କରିବ।

ସ୍କାଉଟସ୍ ଓ ଗାଇଡସ୍‌କୁ ୮ ଜାତୀୟ ସମ୍ମାନ



ଭୁବନେଶ୍ୱର, ୨୪।୧୧ (ମହାଭାରତ): ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଜାତୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସମ୍ମାନ ସମାରୋହରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଡଃ. ଅନିଲ୍ କୁମାର ଜେନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ମୁଖ୍ୟ କମିଶନର ଡଃ. କେ.କେ. ଖଣ୍ଡେଲୱାଲ, ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଜାତୀୟ ସ୍ତରୀୟ ସମ୍ମାନ "ଜାତୀୟ ମୁଖ୍ୟ କମିଶନର ଫଳକ" ଗାଇଡ୍ ବିଭାଗରେ ପ୍ରଥମ ଓ ସ୍କାଉଟ ବିଭାଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ବହୁତ ବଡ ବଡ ରାଜ୍ୟ ସହ କଡା ପ୍ରତିଯୋଗିତା କରି ଓଡିଶା ଏହି ଜାତୀୟ ପୁରସ୍କାର ପାଇପାରିଛି । ଏହା ସହିତ ଦୁଇଗୋଟି ସରକାରୀ ବିଦ୍ୟାଳୟ "ପ୍ରଧାନମନ୍ତ୍ରୀ ଫଳକ" ପ୍ରତିଯୋଗିତାରେ ମଧ୍ୟ ସଫଳ ହୋଇଛନ୍ତି । ବିଭିନ୍ନ ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ କରି ଏକ ବର୍ଷର କାର୍ଯ୍ୟାବଳୀର ଜାତୀୟସ୍ତରରେ ଚୟନ କମିଟି ଦ୍ୱାରା ଏହି ସବୁ ପୁରସ୍କାର ବୁଡାନ୍ତ ହୋଇଥାଏ। ଏହି ସଫଳତାରେ ଓଡିଶାର ସମସ୍ତ ସ୍କାଉଟ ଗାଇଡ୍ ସଦସ୍ୟ ଖୁବ୍ ଆନନ୍ଦିତ।

ଓଡ଼ିଶାର ଚିଠା ସହରାଞ୍ଚଳ ପାର୍କିଂ ନୀତି ପ୍ରକାଶ

ଭୁବନେଶ୍ୱର, ୨୪।୧୧ (ମହାଭାରତ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂଆ ସହରାଂଚଳ ପାର୍କିଂ ନୀତି-୨୦୨୬ର ଚିଠା ପ୍ରକାଶ କରାଯାଇଛି । ଏହାକୁ ବିଭାଗର ଅଫିସିଆଲ୍ ୱେବସାଇଟ୍ ରେ ପ୍ରକାଶ କରାଯାଇଛି । ସହରାଂଚଳରେ ଯାନବାହନ ଭିଡ଼ ହ୍ରାସ କରିବା, ଫୁଟପାଥକୁ ଅବରୋଧମୁକ୍ତ ରଖିବା ଏବଂ ରାସ୍ତାରେ ଯାତାୟାତକୁ ଅଧିକ ସୁଗମ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ । ଏହି ନୀତି ଅନୁଯାୟୀ, ସହରାଂଚଳର ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକ ନିଜ ନିଜ ଅଂଚଳର ଆବଶ୍ୟକତା ଅନୁଯାୟୀ ପାର୍କିଂ ଯୋଜନା ପ୍ରସ୍ତୁତ କରିବେ । ଏଥିରେ ପାର୍କିଂ ଜୋନ୍ ଚିହ୍ନଟ, ଶୁଳ୍କ ନିର୍ଦ୍ଧାରଣ ଏବଂ ପାର୍କିଂ ନିୟମର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । "ଉନ୍ନତ ପାର୍କିଂ ପରିଚାଳନା ଦ୍ୱାରା ପଦଚାରୀଙ୍କ ଯାତାୟାତ ଅଧିକ ସୁରକ୍ଷିତ ହେବା ସହ ଯାନବାହନ ଚାଳକମାନଙ୍କୁ ପାର୍କିଂ ସ୍ଥାନ ଖୋଜିବାରେ ଲାଗୁଥିବା ସମୟ ହ୍ରାସ ପାଇବ ଏବଂ ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରା ଅଧିକ ସହଜ ହେବ । ଓଡ଼ିଶାର ସହରଗୁଡ଼ିକର ବିକାଶ ସହିତ ପାର୍କିଂ ସ୍ଥାନ ସମ୍ପର୍କିତ ତୁରନ୍ତ ସୂଚନା ଲୋକଙ୍କୁ ଯାତ୍ରା ଯୋଜନା କରିବାରେ ସହାୟକ ହେବ । ଏହା ସହିତ ପୌର ସଂସ୍ଥାଗୁଡ଼ିକ ମଧ୍ୟ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପାର୍କିଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ । ପାର୍କ-ଆଣ୍ଡ-ରାଇଡ୍ ସୁବିଧା ଏବଂ ବୈଦ୍ୟୁତିକ ଯାନ ପାଇଁ ଚାର୍ଜିଂ ବ୍ୟବସ୍ଥା ଆଗାମୀ ଦିନରେ ଆମ ସହରଗୁଡ଼ିକର ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁବିଧାଜନକ କରିବ । ଚିଠା ନୀତି ଅନୁଯାୟୀ, ସ୍ଥାନ, ଚାହିଦା ଏବଂ ପାର୍କିଂ ସମୟ ଅନୁସାରେ ଶୁଳ୍କ ଧାର୍ଯ୍ୟ କରାଯିବ । ଲୋକମାନେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖିବା ପରିବର୍ତ୍ତେ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟବହାର କରିବା ପାଇଁ ରାସ୍ତା ବାହାରେ ଥିବା ପାର୍କିଂ ସ୍ଥାନର ଶୁଳ୍କ ୨୫ ପ୍ରତିଶତ କମ୍ ରଖିବାକୁ ପ୍ରସ୍ତାବ ରହିଛି । ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ଲୋକମାନେ ପାର୍କିଂ ସ୍ଥାନ ଖାଲି ଅଛି କି ନାହିଁ ଜାଣିବା, ଆଗୁଆ ସ୍ଥାନ ବୁକ୍ କରିବା ଏବଂ ନଗଦ ଟଙ୍କା ବଦଳରେ ଅନଲାଇନ୍ ରେ ଶୁଳ୍କ ଦେଇପାରିବେ । ଏହି ଚିଠା ନୀତିରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ବିନା ଅତିରିକ୍ତ ଶୁଳ୍କରେ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ଚିହ୍ନଟ କରିବା, ପ୍ରମୁଖ ସାଧାରଣ ପରିବହନ ରାସ୍ତା ନିକଟରେ ପାର୍କ-ଆଣ୍ଡ-ରାଇଡ୍ ସୁବିଧା ଯୋଗାଇବା ସହ ନୂତନ ପାର୍କିଂ ସ୍ଥାନ ଏବଂ ବହୁତଳ ପାର୍କିଂ କେନ୍ଦ୍ରଗୁଡ଼ିକରେ ବୈଦ୍ୟୁତିକ ଯାନ ଚାର୍ଜିଂ ଓ ସାଇକେଲ୍ ରଖିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରହିଛି । ଜନସାଧାରଣ ଏହି ଚିଠା ନୀତି ଉପରେ ନିଜର ମତାମତ, ପରାମର୍ଶ କିମ୍ବା ଆପତି ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିପାରିବେ।

ଅକ୍ଷୟ ସାହିତ୍ୟ ଓ ସଂଗୀତ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୪।୧୧ (ମହାଭାରତ): ପ୍ରଖ୍ୟାତ୍ ସଙ୍ଗୀତଜ୍ଞ ଓ ସାହିତ୍ୟିକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସଂଗୀତ ଓ ସାହିତ୍ୟ ପ୍ରତିଭାର କ୍ଷୟ ନାହିଁ । ତାଙ୍କର ଯାଦୁକାରୀ କଣ୍ଠସ୍ୱର ଓ ସଂଗୀତର ସଂଯୋଜନା ପିଢୀ ପରେ ପିଢୀଙ୍କୁ ମନୋରଂଜନର ଖୋରାକ ଯୋଗାଇଦେଇ ଚାଲିଥିଲେ ହେଁ ଓଡ଼ିଆ ଜାତି ସେହି ପ୍ରତିଭାର ସଠିକ୍ ମୂଲ୍ୟାୟନ ଏଯାବତ୍ କରିନାହିଁ । ଗୋଟିଏ ଦୁଇଟି ସଂଗୀତ ଗାୟନ କରିଥିବା କଳାକାରମାନେ ଜାତୀୟ ଓ ଆର୍ନ୍ତଜାତୟ ସ୍ତରରେ ସମ୍ମାନିତ ହେଉଥିବା ବେଳେ ଅକ୍ଷୟଙ୍କ ଭଳି ଜଣେ କାଳଜୟୀ ସ୍ରଷ୍ଟାଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ଆମେ ଅବହେଳା ପ୍ରଦର୍ଶନ କରିଛୁ । ବାସ୍ତବ ଘଟଣାବଳୀକୁ ନେଇ ସାହିତ୍ୟ ସୃଷ୍ଟି କରିବାରେ ଅକ୍ଷୟ ମହାନ୍ତି ଥିଲେ ଏକ ଅନନ୍ୟ ପ୍ରତିଭା ।



ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି', ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମହାନ୍ ସାଧକଙ୍କ ଅମ୍ଳାନ ସୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥିରେ ବିଶିଷ୍ଟ ପ୍ରଶାସକ ଅଶୋକ ତ୍ରିପାଠୀ, ସିନେ ନିର୍ଦ୍ଦେଶକ ପ୍ରଣବ ଦାସ, ମହାବୋଧି ସୋସାଇଟିର ସଚିବ ଡ. ସୌରେନ୍ଦ୍ର ମହାପାତ୍ର, ଶିଳ୍ପଦ୍ୟୋଗୀ ଜଗତ୍ ବନ୍ଧୁ ଜେନା ବରେଣ୍ୟ ଅତିଥି ରୂପେ ଯୋଗଦେଇ ଅକ୍ଷୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ।

ଏହି ଉତ୍ସବରେ ଚଳିତ ବର୍ଷର ସମ୍ମାନଜନକ 'ଅକ୍ଷୟ ସାହିତ୍ୟ ସମ୍ମାନ' ବିଶିଷ୍ଟ ସାହିତ୍ୟିକ ଡ. ଅଜୟ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା ।

ସେହିପରି ଜଣାଶୁଣା ସଂଗୀତଜ୍ଞ ଦୀପକ ବେହେରାଙ୍କୁ 'ଅକ୍ଷୟ ସଂଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା । ଶେଷରେ ଆୟୋଜିତ ମନୋଜ୍ଞ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀ ଅକ୍ଷୟ ସଂଗୀତ ପରିବେଷଣ କରିଥିଲେ । ଏଥିରେ ଉଦୀୟମାନ ଭାଓଲିନ୍ ବାଦକ ମାଷ୍ଟର ରାକେଶ ବିଶ୍ୱାଳ ଅକ୍ଷୟ ସଂଗୀତର ସ୍ୱର ବାଦନ କରିଥିବା ବେଳେ ଇଂ. ବିଚିତ୍ରାନନ୍ଦ ଦେଓ, ଛନ୍ଦା ମିଶ୍ର, ରିତିକା ରିମ୍‌ଝିମ୍, ପ୍ରତିଭା ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଶୁଭେନ୍ଦୁ ନାୟକ, ଦେବାଂଶୀ ନାୟକ, ତମନ୍ନା ତ୍ରିପାଠୀ, ଅନିର୍ବାଣ ପଟ୍ଟନାୟକ, ସିଦ୍ଧାନ୍ତ ଶତପଥୀ, ସୁଧାଂଶୁ ଜେନା ପ୍ରମୁଖ ସୁଲଳିତ କଣ୍ଠରେ ସଂଗୀତ ପରିବେଷଣ କରିଥିଲେ । ବାଦ୍ୟଗୁରୁ ବରଦା ପ୍ରସନ୍ନ ପଟ୍ଟନାୟକ ଏହି ସଂଗୀତ ସନ୍ଧ୍ୟାକୁ ସଂଯୋଜନା କରିଥିବା ବେଳେ ଗୁଲସନ୍ ନଦିମ୍ ଉତ୍ସବକୁ ପରିଚାଳନା କରିଥିଲେ । ଏହି ଉତ୍ସବରେ କମିଟିର ସଦସ୍ୟ ରୁଦ୍ରପ୍ରସାଦ ନାୟକ, ରବିନ୍ଦ୍ର ବିଶ୍ୱାଳ, ଲୁଟୁ ମହାନ୍ତି, ମଞ୍ଜୁ ସିଂହ ପ୍ରମୁଖ ସହଯୋଗିତା କରିଥିଲେ ।

ମିଛ ନ୍ୟାରେଟିଭ୍ ସୃଷ୍ଟି କରି ସରକାରକୁ ବଦନାମ କରୁଛି ବିଜେଡି

ଭୁବନେଶ୍ୱର, ୨୪।୧୧ (ମହାଭାରତ): ରାଜ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମକୁ ନେଇ ବିଜେଡି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରୁଛି। ପକ୍କାଘର, ରାସନ ଓ ସାମାଜିକ ସୁରକ୍ଷା ଭତା ପ୍ରସଙ୍ଗରେ ତଥ୍ୟକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରି ବିଜେପି ସରକାରକୁ ବଦନାମ କରିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ କରିଛନ୍ତି ବିଧାୟକ ସନ୍ତୋଷ ଖଟୁଆ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଟୁଆ କହିଛନ୍ତି ଯେ, ପୂର୍ବ ବିଜେଡି ସରକାର ସମୟରେ ରାସନ ବଂଟନରେ ଅନିୟମିତତା ହୋଇଥିଲା। ତାଙ୍କ ଦାବି ଅନୁଯାୟୀ, ୭ ଲକ୍ଷ ୭୫ ହଜାରରୁ ଅଧିକ ଭୂତ ହିତାଧିକାରୀ ଏବଂ ୨ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ପଡ଼ିଛି। ବିଜେଡି ସରକାରର ଶେଷ ପାଂଚ ବର୍ଷରେ ରାସନ ବାବଦରେ ୧୧୭୮ କୋଟି ଟଙ୍କାର ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୩ କୋଟି ୨୮ ଲକ୍ଷରୁ ଅଧିକ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ଥିବାବେଳେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୧୦ କେଜି ଚାଉଳ ଯୋଗାଇ ଦିଆଯାଉଛି।



ସେହିପରି ଆବାସ ଯୋଜନାକୁ ନେଇ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାର ଶ୍ରେୟ ନେଉଥିବା ଅଭିଯୋଗ କରି ଶ୍ରୀ ଖଟୁଆ କହିଛନ୍ତି ଯେ, ପୂର୍ବ ସରକାର ଅମଳରେ ୬ ଲକ୍ଷ ୫୮ ହଜାର ପକ୍କାଘର ଫେରାଇ ଦିଆଯାଇଥିଲା। ଅନ୍ୟପକ୍ଷରେ, ବର୍ତ୍ତମାନର ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ ଲକ୍ଷ ୧୫ ହଜାର ଘରକୁ ମଞ୍ଜୁରୀ ଦେଇଥିବାବେଳେ ୧ ଲକ୍ଷ ୪୭ ହଜାର ଘର ନିର୍ମାଣ ଶେଷ ହୋଇଛି। ମୋ ଘର ଯୋଜନାରେ ଏଥିପାଇଁ ବାର୍ଷିକ ୮୮୧୩ କୋଟି ଟଙ୍କା ବ୍ୟୟ ହେଉଛି ବୋଲି ସେ କହିଛନ୍ତି।

ଭିଟୋ କ୍ଷମତାସମ୍ପନ୍ନ ଦେଶ

ଜାତିସଂଘରେ ଅନେକ ଶାଖା ଏବଂ ପରିଷଦ ରହିଛି। ସେଥିମଧ୍ୟରେ ରହିଛି ଜାତିସଂଘ ସାଧାରଣ ପରିଷଦ ଏବଂ ସୁରକ୍ଷା ପରିଷଦ। ସୁରକ୍ଷା ପରିଷଦରେ ୧୫ଜଣ ସଭ୍ୟ ଥିବା ବେଳେ ୫ଟି ଶକ୍ତିଶାଳି ରାଷ୍ଟ୍ର ଆମେରିକା, ରଷିଆ, ବ୍ରିଟେନ, ଫ୍ରାନ୍ସ ଏବଂ ଚୀନ ସ୍ଥାୟୀ ସଦସ୍ୟ ଅଛନ୍ତି। ସେମାନଙ୍କର ଭିଟୋ କ୍ଷମତା ରହିଛି। ଅର୍ଥାତ କୌଣସି ପ୍ରସ୍ତାବକୁ ସେମାନଙ୍କ ମଧ୍ୟରୁ କେହି ଜଣେ ବିରୋଧ କଲେ ତାହା ଗୃହୀତ ହୋଇପାରିବ ନାହିଁ। ଏହି ବ୍ୟବସ୍ଥା ନିହାତି ତ୍ରୁଟିପୂର୍ଣ୍ଣ। ଏହି ବ୍ୟବସ୍ଥା ଯୋଗୁ ଅନେକ ସମୟରେ ଆତଙ୍କବାଦ ବିରୋଧରେ ପ୍ରସ୍ତାବ ଗୃହୀତ ହୋଇପାରୁନାହିଁ। ଗୋଟିଏ ବାକ୍ୟରେ କହିଲେ ଜାତିସଂଘ ସୁରକ୍ଷା ପରିଷଦ ଉକ୍ତ ୫ଟି ଭିଟୋ କ୍ଷମତାସମ୍ପନ୍ନ ଦେଶ ଦ୍ୱାରା ନିୟନ୍ତ୍ରିତ ହେଉଛଇ ଏବଂ ଅନ୍ୟ ସଦସ୍ୟମାନେ ମୂଲ୍ୟହୀନ ହୋଇ ପଡ଼ିଛନ୍ତି। ଏବେ ରଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତିରେ ସୁରକ୍ଷା ପରିଷଦ ସଫଳ ହୋଇପାରୁନାହିଁ। ଦୁଇ ବର୍ଷ ତଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅନ୍ତର୍ଜାତୀୟ ବୈଠକରେ ଉଦବୋଧନ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ)ର ସଂସ୍କାର ଏବଂ ଏହାର ପୁନର୍ଗଠନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କରୋନା ମହାମାରୀ ବେଳେ ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା ନିହାତି ବିବାଦୀୟ ଏବଂ ସମାଲୋଚିତ ହୋଇଥିଲା। କରୋନା ନେଇ ଏହା ଯଥେଷ୍ଟ ପୂର୍ବରୁ ବିଶ୍ୱ ସମୁଦାୟକୁ ଚେତାବନୀ ଦେବାର ଥିଲା। ଏହା ଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଜୀବନ ରକ୍ଷା ହୋଇଯାଇଥାନ୍ତା। ସେହିପରି କରୋନାର ଉତ୍ପତ୍ତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅନୁସନ୍ଧାନ ଥିଲା ସନ୍ଦେହଜନକ ଓ ମୂଲ୍ୟହୀନ। ଚୀନକୁ ଘଣ୍ଟ ଘୋଡ଼ାଇବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ହୀନ ଉଦ୍ଦେଶ୍ୟକୁ ସମସ୍ତେ ଅନୁଭବ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ପୁନର୍ଗଠନ ନିମନ୍ତେ ମଧ୍ୟ ଦାବି କରିଛନ୍ତି। ଏହି ସଙ୍ଗଠନ ଗଠନର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମୋଟ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ ଯେଉଁ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ୟୁକ୍ରେନ-ରଷିଆ ଯୁଦ୍ଧ ଦୀର୍ଘଦିନ ଧରି ଲାଗି ରହିବା ଏଭଳି ଚିନ୍ତାଧାରାର ଯଥାର୍ଥତାକୁ ପ୍ରତିପାଦିତ କରୁଛି। ୟୁକ୍ରେନରେ ରଷିଆ ଆକ୍ରମଣକୁ ୪୦ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯୁଦ୍ଧ ସରିବାର କୌଣସି ସଙ୍କେତ ମିଳିନାହିଁ। ଦୁଇ ପକ୍ଷ ମଧ୍ୟରେ ୪ଥର ଶାନ୍ତି ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। ରୁଷ ରାଷ୍ଟ୍ରପତି ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ସମ୍ଭବ ହୋଇପାରିନାହିଁ। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ରଷିଆ ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଏହା ପୁଟିନଙ୍କୁ ପ୍ରଭାବିତ କରିପାରିନାହିଁ। ବରଂ ସେ ଅଧିକ କଠୋର ହୋଇଛନ୍ତି। ତେବେ ୟୁକ୍ରେନ ଯେପରି ସାହସର ସହିତ ରୁଷ ସେନାର ସାମନା କରିଛନ୍ତି ତାହା ପ୍ରଶଂସନୀୟ। ତେବେ ଯୁଦ୍ଧରେ ସାଧାରଣ ଜନତା ଯେପରି ବିଶେଷ ପ୍ରଭାବିତ ନହୁଅନ୍ତି ଏବଂ ସେମାନଙ୍କର ଧନଜୀବନ ହାନି ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ବିଶ୍ୱବ୍ୟାପି ଏକ ସାଧାରଣ ମତ ରହିଛି। ପୁଟିନ କିନ୍ତୁ ଏହାକୁ ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସରେ ମାମଲା ଚାଲିବା ଉଚିତ। ତେବେ ଆଇସିଜେ ଯୁଦ୍ଧ ବନ୍ଦ କରିବାକୁ ରଷିଆକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ପୁଟିନ ଖାତିର କଲେ ନାହିଁ। ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷର ଆକ୍ରମଣକୁ ନିନ୍ଦା କରି ପ୍ରସ୍ତାବ ଗୃହୀତ ହେଲା। ଜାତିସଂଘର ମାନବାଧିକାର ସୁରକ୍ଷା ପରିଷଦରେ ମଧ୍ୟ ନିନ୍ଦା ପ୍ରସ୍ତାବ ଗୃହୀତ ହେଲା। କିନ୍ତୁ ଏହା କିଛି ଫରକ ପକାଇଲା ନାହିଁ। ତେଣୁ ଆଗକୁ ଆଇସିଜେରେ ପୁଟିନଙ୍କ ବିରୋଧରେ ମାମଲା ରୁଜୁ ହେଲେ ମଧ୍ୟ ବିଶେଷ ଫରକ ପକାଇବ ନାହିଁ। ଏଭଳି ପରିସ୍ଥିତିରେ ଜାତିସଂଘ, ଆଇସିଜେ, ୟୁଏନଏଚଆରସି ଆଦି ପୁଣି ଥରେ ମୂଲ୍ୟହୀନ ସାବ୍ୟସ୍ତ ହୋଇଛି।

ୟୁ ଟ୍ୟୁବ୍ ଓ ସାମାଜିକ ବିଭତ୍ସତା

॥ ଅନୁପମା ଭୂୟାଁ ॥

ଆମେ ଏପରି ଏକ ସମୟରେ ଖୁସିରେ ଗଦ ଗଦ ହୋଇପଡୁଛି ଯେତେବେଳେ ଜଣେ ପ୍ରଥମ ଓଡ଼ିଆ ଓ ଆଦିବାସୀ ଅତ୍ୟନ୍ତ ସରଳ ମହିଳା ଭାରତର ରାଷ୍ଟ୍ରପତି ପଦକୁ ଯାଉଛନ୍ତି। ସେହି ସମୟରେ ଆମେ ଚର୍ଚ୍ଚା ହେଉଥିବା ବର୍ଷା ନାମ୍ନୀ ମହିଳାଙ୍କ କଥାକୁ ନେଇ ଯେଉଁପରି ଅପମାନ ଦେଉଛେ ତାହା କ'ଣ ଛୋଟିଆ କଥା ! ଟୁଙ୍ଗୁରୁ ଭୋଳ ଓ ବର୍ଷାଙ୍କ ତଥାକଥିତ ଘଟଣା ପୂର୍ବରୁ ୟୁଟ୍ୟୁବରେ ଅନେକ ଏହିପରି ଅଘଟଣର ଘଟଣା ଦେଖୁଛୁ ଏହା ନୂଆ ନୁହେଁ କିନ୍ତୁ ତା ଅର୍ଥ ଏହା କ'ଣ କ୍ରମାନ୍ୱୟରେ ଚାଲିଥିବ। ବିଶ୍ୱର ଶକ୍ତିଶାଳୀ ଆମେରିକୀୟ ଆପ୍ ୟୁଟ୍ୟୁରେ ଯେଉଁମାନେ ଏହିପରି କେବଳ ଦ୍ୱିଅର୍ଥ ବୋଧକ ଭାଷା ନୁହେଁ ଅତ୍ୟନ୍ତ ଅଶାଳୀନ ଓ ଭାରତୀୟ ପିଙ୍ଗଳ ସଂହିତାର ବିରୋଧରେ ଯାଉଥିବା ସମାଜ ବିରୋଧୀ ଭାଷା ଓ ନାରୀ ଚରିତ୍ରକୁ ଖିନଭିନ କରୁଥିବା ଖବର ପଠାଉଛନ୍ତି ସେମାନେ ଏହାପାଇଁ ପୁଣି ଅର୍ଥ ପାଉଛନ୍ତି।

ଆଜିକାଲି ହାତପାହାନ୍ତାରେ ସୋସିଆଲ ମିଡ଼ିଆ। ପଇସା ପଡୁନି ବୋଲି ୟୁ ଟ୍ୟୁବକୁ ସମସ୍ତେ ଜ୍ଞାନପାଇଁ, ଅଜ୍ଞାନ ପାଇଁ, ସୁନାମ ପାଇଁ ଓ ଦୁର୍ନାମ ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି। ଏବେ କେବଳ ସାମାଜିକ ଗଣମାଧ୍ୟମ ନୁହେଁ ବାସ୍ତବରେ ପଇସା ଖର୍ଚ୍ଚ ହେଉଥିଲେ ବି ଦେହକୁ ଲାଗୁ ନଥିବାର ଏକ ପ୍ରକାର ଭିନ୍ନ ନିଶା। ଆମେ ଆଲୋଚନାକୁ ସେ ଦିଗକୁ ନେଉ ନାହୁଁ। ବର୍ତ୍ତମାନ ସୋସିଆଲ ମିଡ଼ିଆ ଓ ଗଣମାଧ୍ୟମରେ ଟୁଙ୍ଗୁରୁ ଭୋଳକୁ ନେଇ ଯେତିକି ଚର୍ଚ୍ଚା ସେତିକି ଚର୍ଚ୍ଚା ଦେଶ ଦୁନିଆ ପାଇଁ କି ନିଜ କାମ ଘର ପରିବାର ପାଇଁ ବି ହେଉନି। ଏହାକୁ କେହି କେହି ଗ୍ରହଣ ନକରି ପାରନ୍ତି। ଟୁଙ୍ଗୁରୁ ଭୋଳ ଆଜି ରାତାରାତି ଚର୍ଚ୍ଚିତ। କଥାରେ ଅଛି ଦେଉଳ ତୋଳିଲେ ନାଁ ହୁଏ ରାସ୍ତାରେ ଗ..... କଲେ ବି ନାଁ ହୁଏ। ତେବେ ଟୁଙ୍ଗୁରୁ ଭୋଳ ଓ ଚର୍ଚ୍ଚା ହେଉଥିବା ତଥାକଥିତ ତାଙ୍କ ଭାଉଜ ଭିନ୍ନ ପ୍ରେମକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା ଚାଲିଛି। ଗୀତ ତିଆରି ହେଲାରି, ଫିଲ୍ମ ବି କୁଆଡ଼େ ତିଆରି ହେଉଛି ଆଉ ଗଣମାଧ୍ୟମରେ ଆମେ ଯାହା ଦେଖୁଛୁ ଟୁଙ୍ଗୁରୁ ଭୋଳ ନିଜ ନଜକୁ ଭିନ୍ନ ଏକ ପୃଥିବୀର ସୃଷ୍ଟି ବୋଲି ଭାବିଲାଣି। ତେବେ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ୟୁଟ୍ୟୁବରେ ଏହି ଟୁଙ୍ଗୁରୁ ଭୋଳଙ୍କୁ ଯେତିକି ନୁହେଁ ତାଙ୍କ ତଥାକଥିତ ଭାଉଜଙ୍କୁ ନେଇ ଯେଉଁପରି ଭାଷା, ଯେଉଁପରି ବର୍ଣ୍ଣନା, ଯେଉଁପରି ଏକ ପ୍ରକାର କଳଙ୍କିତାର ଛିପ ପକାଇ ତାଙ୍କୁ ଲଜ୍ଜିତ କରାଯାଉଛି। ଆମେ ଏପରି ଏକ ସମୟରେ ଖୁସିରେ ଗଦ ଗଦ ହୋଇପଡୁଛି ଯେତେବେଳେ ଜଣେ ପ୍ରଥମ ଓଡ଼ିଆ ଓ ଆଦିବାସୀ ଅତ୍ୟନ୍ତ ସରଳ ମହିଳା ଭାରତର ରାଷ୍ଟ୍ରପତି ପଦକୁ ଯାଉଛନ୍ତି। ସେହି ସମୟରେ ଆମେ ଚର୍ଚ୍ଚା ହେଉଥିବା ବର୍ଷା ନାମ୍ନୀ ମହିଳାଙ୍କ କଥାକୁ ନେଇ ଯେଉଁପରି ଅପମାନ ଦେଉଛେ ତାହା କ'ଣ ଛୋଟିଆ କଥା ! ଟୁଙ୍ଗୁରୁ ଭୋଳ ଓ ବର୍ଷାଙ୍କ ତଥାକଥିତ ଘଟଣା ପୂର୍ବରୁ ୟୁଟ୍ୟୁବରେ ଅନେକ ଏହିପରି ଅଘଟଣର ଘଟଣା ଦେଖୁଛୁ ଏହା ନୂଆ ନୁହେଁ କିନ୍ତୁ ତା ଅର୍ଥ ଏହା କ'ଣ କ୍ରମାନ୍ୱୟରେ ଚାଲିଥିବ। ବିଶ୍ୱର ଶକ୍ତିଶାଳୀ ଆମେରିକୀୟ ଆପ୍ ୟୁଟ୍ୟୁରେ ଯେଉଁମାନେ ଏହିପରି କେବଳ ଦ୍ୱିଅର୍ଥ ବୋଧକ ଭାଷା ନୁହେଁ ଅତ୍ୟନ୍ତ ଅଶାଳୀନ ଓ ଭାରତୀୟ ପିଙ୍ଗଳ ସଂହିତାର ବିରୋଧରେ ଯାଉଥିବା ସମାଜ ବିରୋଧୀ ଭାଷା ଓ ନାରୀ ଚରିତ୍ରକୁ ଖିନଭିନ କରୁଥିବା ଖବର ପଠାଉଛନ୍ତି ସେମାନେ ଏହାପାଇଁ ପୁଣି ଅର୍ଥ ପାଉଛନ୍ତି ! ଭାରତୀୟ ପିଙ୍ଗଳ ସଂହିତାରେ ଏବଂ ଆମ ସମାଜର ଚରିତ୍ରରେ ସର୍ବସାଧାରଣରେ, ରାଜରାସ୍ତାରେ ଜଣେ ଅଶୀଳ କଥା କହିପାରିବ ନାହିଁ ଏହା ଦଣ୍ଡନୀୟ ଅପରାଧ। କିନ୍ତୁ ୟୁଟ୍ୟୁବରେ କିଛି ଚର୍ଚ୍ଚିତ କୁ ଚରିତ୍ରମାନେ ଖୋଲାଖୋଲି ଭାବେ ଜଣେ ନାରୀ ଚରିତ୍ରକୁ ଯେଉଁପରି ଅପମାନିତ କରୁଛନ୍ତି ଏହା କୁରୁସଭାର ଦ୍ରୌପଦୀଙ୍କ ଠାରୁ ଆଉ କମ ଅପମାନ ନୁହେଁ। ଦ୍ରୌପଦୀଙ୍କ ବସ୍ତ୍ର ହରଣ ଓ ଲୁହ ମହାଭାରତର ଦିଗକୁ କ'ଣ ନେଇଥିଲା ଓ କୌରବ ମାନଙ୍କ ପରିଣତି କ'ଣ ହୋଇଥିଲା ତାହା ସମସ୍ତଙ୍କୁ ଜଣା। ଆଲୋଚିତ ହେଉଥିବା ବର୍ଷାଙ୍କ ଠାରୁ ତ ବଡ଼ ଦୋଷୀ ହେଉଛନ୍ତି ସେ ନିରୀହ ଦେଖାଉଥିବା ଏକୋଇଶ ବର୍ଷ ବୟସ୍କ ଟୁଙ୍ଗୁରୁ ଭୋଳ। କିନ୍ତୁ ମାର ମାର ଭଣ୍ଡାରିଆକୁ ନ୍ୟାୟ ବଳରେ ସବୁ ଯାକ ଦୋଷ ଲଦା ଯାଉଛି ବର୍ଷାଙ୍କ ଉପରେ। ସେ ହୋଇଗଲେ ନାୟକ କିନ୍ତୁ ଏ ହୋଇଗଲେ ଖଳନାୟିକା। ସେ ତ ଏତେ କମ ବୟସର ପିଲା ନୁହେଁ ଯିଏ କିଛି ଜାଣି ନାହାଁନ୍ତି। ଯାହା ଖବର ପ୍ରକାଶ ପାଇଛି ଏହି ଟୁଙ୍ଗୁରୁ ପୂର୍ବରୁ ଏପରି କାରନାମାରେ ମାହିର। ବର୍ଷା ତାଙ୍କ ତାଲିକାରେ ବୋଧେ ଶେଷ ଚର୍ଚ୍ଚିତ ନାୟିକା। ଜଣେ ପ୍ରଥମଥର ଦୋଷ କରି ଫସି ନଥାଏ। ଏହା ପୂର୍ବରୁ ସେ ପ୍ରେମ କରିବା, ସମ୍ପର୍କର ଗଭୀର ଦିଗକୁ ଯିବା, ମୋବାଇଲରେ ରେକର୍ଡିଂ ରଖି ତାକୁ ଗୁପ୍ତ ରଖିବା ଏହାତ କମ ବଡ଼ କାରନାମା ନୁହେଁ। କିନ୍ତୁ ତାଙ୍କୁ ସାମାଜିକ ଗଣମାଧ୍ୟମ ଓ ସମାଜରେ ଦେଖାଯାଉଛି ନିରୀହ କିଶୋର ପିଲାଟିକୁ ବୟସ୍କା ମହିଳା ଜଣଙ୍କ ଜୋର ଯବରଦସ୍ତ ଏକ ପ୍ରକାର ଏକ ପାକ୍ଷିଆ ପ୍ରେମ କରି ତାଙ୍କୁ ସ୍ୱାମୀ କରିବା ପାଇଁ ଚାହୁଁଛନ୍ତି ସତେ ଯେପରି ମାଛିକୁ ମ ନକହୁଥିବା ଏ ଚରିତ୍ର ଟୁଙ୍ଗୁରୁ ଭୋଳଟି ! ! ଟୁଙ୍ଗୁରୁ ଭୋଳ ଚରିତ୍ରକୁ ଭଲ ଭାବେ ଦେଖନ୍ତୁ। ସେ କ'ଣ ନିର୍ଦ୍ଦୋଷୀ ଏବଂ ଅଜ୍ଞ। ସେ ସର୍ବପ୍ରଥମ ଦୋଷୀ ଏହି ଟୁଙ୍ଗୁରୁ କାରଣ ଯିଏ ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ଠାରୁ ଅର୍ଥ ହଡ଼ପ କରି ନିଜ ତନମନ ଶାନ୍ତି କରି ତାଙ୍କୁ କଳଙ୍କର ଗାତ ଭିତରକୁ ଠେଲି ଦେଇଛନ୍ତି। ତେଣୁ ସର୍ବପ୍ରଥମେ ଏହିପରି କମ ବୟସର ଟୁଙ୍ଗୁରୁ ମାନଙ୍କର ଚରିତ୍ର ପର ପଲାମାନଙ୍କୁ ପରବାର ଶିକ୍ଷା ଦେଉ ଏବଂ ସେମାନେ ୟୁଟ୍ୟୁବ ଓ ସାମାଜିକ ଗଣମାଧ୍ୟମକୁ ମଧ୍ୟ ଆଦର୍ଶ ମାନନ୍ତୁ ନାହିଁ, ଜ୍ଞାନ ଓ ମଉଜମଜଲିସ ପାଇଁ ଏହା ଏକ ମାଧ୍ୟମ ଅବଶ୍ୟ।

ଆଲୋଚନାକୁ ଆସିବା, କୁହାଯାଉଥିବା ଏହି ବର୍ଷା ନାମ୍ନୀ ମହିଳା ଯଦି ଭୁଲ କରିଛନ୍ତି ସ୍ୱାମୀ ଓ ପିଲାଙ୍କୁ ଛାଡ଼ି ପରକ୍ରିୟାପ୍ରୀତିରେ ଲିପ୍ତ ଅଛନ୍ତି ଏହାର ଦଣ୍ଡ ଦେବାର ଅଧିକାର ପ୍ରଥମେ ତାଙ୍କ ସ୍ୱାମୀର ଓ ପରେ ଭାରତର ସମ୍ବିଧାନ ଠାରୁ ଶକ୍ତି ପାଇଥିବା ପୋଲିସ ବିଭାଗର। ଏବଂ ତାଙ୍କ ନାମରେ କୌଣସି ଅଭିଯୋଗ ବି ନାହିଁ ଏଯାବତ୍ ତାଙ୍କ ସ୍ୱାମୀଙ୍କ ମୁହଁ ଇନ୍ଦ୍ର, ସୂର୍ଯ୍ୟ ବି ବୋଧେ ଦେଖିଥିବେ। କିନ୍ତୁ ତାଙ୍କ ଫଟୋ ଠାରୁ ବଳିଗଲାଣି ସେହି ମହିଳାଙ୍କ ଫଟୋ। ଅନ୍ଧ ଧୃତରାଷ୍ଟ୍ରଙ୍କ ପରି ଯେଉଁମାନେ ଏପରି ଜଣେ ଆଜିର ସମୟର ଦ୍ରୌପଦୀଙ୍କ ଚରିତ୍ର ସଂହାର ବେଳେ ଅଟ୍ଟହାସ୍ୟ କରୁଛନ୍ତି କାଳ ସେମାନଙ୍କୁ ବି ଅଟ୍ଟହାସ୍ୟ କରିବ। ମନେରଖିବା ଉଚିତ ଯେଉଁ ମହିଳାଙ୍କୁ ଲଜ୍ଜିତ ଚରିତ୍ରାହୀନା କୁହାଯାଇ ଭୂଲୁଣ୍ଠିତ କରାଯାଉଛି ତାଙ୍କ ସ୍ୱାମୀ, ତାଙ୍କ ପିଲା ଓ ତାଙ୍କ ପରିବାରର ଦୋଷ କ'ଣ ? ସେମାନେ କ'ଣ ଦୋଷ କରିଥିଲେ ? ଆଜି ସେମାନଙ୍କ ମାଆଟି ବା ସେହି ସ୍ତ୍ରୀର ସ୍ୱାମୀଟି କେଉଁ ମୁହଁ ନେଇ ସମାଜରେ ଆଗଉ ଥିବ। ଟୁଙ୍ଗୁରୁଭୋଳ ଠାରୁ ଅନେକ ଚରିତ୍ର ଆମ ସମୟରେ ରହିଛନ୍ତି। ଆମେ ଯେଉଁମାନଙ୍କୁ ଆଲୋଚନା କରୁନାହୁଁ। ଛତିଶଗଡ଼ର ବୋରଓ୍ୱେଲ ଭିତରୁ ମୃତ୍ୟୁ ଦୂତ ସାଜି ଯେଉଁ ଏନଡିଆରଏଫ ଓ ସେନା ଯବାନ ମାନେ ତ୍ୟାଗ ଓ ସେବାର ପଟ୍ଟାନ୍ତର ଦେଖାଇଛନ୍ତି ସେମାନଙ୍କୁ ନେଇ ୟୁଟ୍ୟୁବରେ କେତେ ଚର୍ଚ୍ଚା ହେଉଛି ? ଆଜିର ଆଲୋଚିତ ବର୍ଷା ଚରିତ୍ରଙ୍କ ପରି ଚରିତ୍ର କ'ଣ ନଥିଲେ ନାଁ ନାହାଁନ୍ତି ? ହଲିଉଡ, ବଲିଉଡ, ଓଲିଉଡରେ ସ୍ୱାମୀଙ୍କୁ ଛାଡ଼ି ଓ ସ୍ୱାମୀଙ୍କୁ ଆଖି ଦେଖାଇ ମଧ୍ୟ ଦିନଦାହାଡ଼େ ଚରିତ୍ରର କୁକର୍ମ କରୁଥିବା ନାୟିକାଙ୍କର ତାଲିକା ବହୁତ ଲମ୍ବା ରହିଛି। ତାଙ୍କ ଉପରେ କେହି ଚର୍ଚ୍ଚା କରିପାରିବେ ନାହିଁ ଆଜିର ସମୟରେ ତଥାକଥିତ ସମାଜରେ ବଡ଼ପଣ୍ଡା ନାମଧାରୀ ଓ ବଡ଼ ବଡ଼ିଆଙ୍କ ଘରେ ବି ଏପରି କାଣ୍ଡ କାରଖାନା ହେଉଛି। ତାଙ୍କ ଉପରେ ଚର୍ଚ୍ଚା କରିବାର ଜିଭ ନେଉଟିବ। ଟୁଙ୍ଗୁରୁ ଭୋଳ-ବର୍ଷାକୁ ନେଇ ସୋସିଆଲ ମିଡ଼ିଆର ୟୁଟ୍ୟୁବରେ ଜଣେ ୟଟ୍ୟୁବର ସାହୁଜୀ ଭିଲୋଗସ୍ ଯେଉଁପରି କୁତ୍ସିତ ଭାଷା ଓ ବର୍ଣ୍ଣନା ସହ ଏହାକୁ ପ୍ରସାରଣ କରିଛନ୍ତି ତାହା ଅତ୍ୟନ୍ତ ହୃଦୟ ବିଦାରକ। ଅତ୍ୟନ୍ତ ଦୁଃଖର କଥା ସେହି ୟୁଟ୍ୟୁବରଙ୍କର ବୋଧେ ମାଆ ଭଉଣୀ ଏବଂ ଧର୍ମପତ୍ନୀ ଓ ଝିଅ ବୋଧେ ନାହାଁନ୍ତି ! ସେ ବି ଜଣେ ନାରୀର ପୁଅ, ସେ ବି ଜଣେ ନାରୀର ଭାଇ, ସେ ବି ଜଣେ ନାରୀର ସ୍ୱାମୀ ଆଉ ସେ ବି ଜଣେ ନାରୀର ବାପା। ସେ ହଲପ୍ କରି କହିପାରିବେ ମୁଁ ୟୁଟ୍ୟୁବରେ ଛାଡୁଥିବା ଏହି ଭାଷାର କଥାକୁ ମୋ ମାଆ ଓ ମୋ ଝିଅକୁ ମୁ ଦେଖାଇପାରିବ ? ଏପର ସାମାଜିକ ଗଣମାଧ୍ୟମରେ ନିଜକୁ ଚର୍ଚ୍ଚିତ କରିବାକୁ ଯାଇ କଥାରେ ନାହିଁ ଘୁଅକୁ ମାଇଲେ ମୁହଁରେ ପଡ଼େ ସେ ନିଜେ ଅନ୍ୟକୁ କଳଙ୍କିତ କରିବା ପାଇଁ ଯାଇ ସେ ନିଜେ କଳଙ୍କର ମହାନାୟକ ପାଲଟୁଛନ୍ତି। ବୁଦ୍ଧି ଅଛି, ଜ୍ଞାନ ଅଛି, ରୂପ ଅଛି, ଖାନଦାନୀ ବୁନିଆଦି ଅଛି ସମାଜକୁ ସୁଧାରିବା ପାଇଁ ବାର୍ତ୍ତା ଦିଅନ୍ତୁ, କିନ୍ତୁ ବାର୍ତ୍ତା ସୁବାର୍ତ୍ତା ହେଉ, କୁବାର୍ତ୍ତା ହୋଇ ଦୁବାର୍ତ୍ତା ଦେଇ ଦୁର୍ବୃତ୍ତ ନହୁଅନ୍ତୁ।

'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୫୮୧୭୦୭

ମାନସିକ ରୋଗ ଓ ଡାକ୍ତର

॥ ଡାକ୍ତର ସମ୍ରାଟ କର ॥

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼ର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ ।

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

ମା'ର କୋଳ ଶୂନ୍ୟ କରିଦେଲା କଲରାପତରିଆ; ଆଉ ଫେରିବନି କୁନି ବେଦିକା

ରାଇଘର, (ମହାଭାରତ) : ଯେଉଁ ଅଗଣାରେ ଦୁଇ ବର୍ଷର କୁନି ପାଦରେ ଖେଳିବାର ଶବ୍ଦ ଶୁଭୁଥିଲା, ଯେଉଁ ଘରେ ଶିଶୁର ହସରେ ମା'ର ମନ ଭରିଯାଉଥିଲା, ସେହି ଅଗଣାରେ ଆଜି ଖେଳିଯାଇଛି ହୃଦୟବିଦାରକ ନିରବତା। ମା'ର କୋଳକୁ ଆଉ ଫେରିବନି ଦୁଇ ବର୍ଷର କୁନି ଝିଅ ବେଦିକା। କଲରାପତରିଆ ବାଘର ଆକ୍ରମଣରେ ନିଷ୍ପାପ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ସନ୍ଦେହ ଘନୀଭୂତ ହୋଇଛି। ଏହି ଦୁଃଖଦ ଘଟଣାରେ ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ଅଞ୍ଚଳରେ ଶୋକ ଓ ଭୟର ବାତାବରଣ ଖେଳିଯାଇଛି।ସୂଚନା ଅନୁଯାୟୀ, ରାଇଘର ବ୍ଲକ ନାକଟିସିମଡା ପଞ୍ଚାୟତ ଅନ୍ତର୍ଗତ ଚଡ଼ିଆପାରା ଗ୍ରାମର ବିଷ୍ଣୁ ଗଣ୍ଡ ଓ ତାଙ୍କ ପତ୍ନୀ ସୁମିତ୍ରା ଗଣ୍ଡଙ୍କ ଦୁଇ ବର୍ଷର ଦ୍ୱିତୀୟ ସନ୍ତାନ ବେଦିକା ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନିଜ ଘର ଅଗଣାରେ ଖେଳୁଥିଲା। ସେହି ସମୟରେ ନିକଟସ୍ଥ ଜଙ୍ଗଲରୁ ଆସିଥିବା ଏକ କଲରାପତରିଆ ବାଘ ତାକୁ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଶିଶୁର ମା' ଘର ଭିତରେ ଥିବାବେଳେ ତାଙ୍କ ଜେଜେବାପା ପ୍ରଥମେ ଜଣେ ବନ୍ୟଜନ୍ତୁ ଶିଶୁଟିକୁ



ଉଠାଇ ନେଉଥିବା ଦେଖିଥିଲେ। ମାତ୍ର ଅନ୍ଧାର ଯୋଗୁଁ ଜନ୍ତୁଟିକୁ ସ୍ପଷ୍ଟ ଚିହ୍ନଟ କରିପାରି ନଥିଲେ।ପରେ ଘର ଅଗଣାରେ ରକ୍ତର ଛିଟା ଓ ଅନ୍ୟାନ୍ୟ ଚିହ୍ନ ଦେଖି ପରିବାର ଲୋକେ ଗ୍ରାମବାସୀ ଏବଂ କୁନ୍ଦେଇ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ ଓ ବନ ବିଭାଗର କର୍ମଚାରୀ ମିଳିତ ଭାବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ହେଲେ ଅନ୍ଧାର ଭିତରେ ବେଦିକାର କୌଣସି ସନ୍ଧାନ ମିଳିନଥିଲା।ମଙ୍ଗଳବାର ସକାଳୁ ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ମିଳିତ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ଦୀର୍ଘ ପ୍ରାୟ ୨୦ ଘଣ୍ଟାର ଅପେକ୍ଷା ଓ ଖୋଜାଖୋଜି ପରେ ଉଭୟ ରାଜ୍ୟରୁ ଆସିଥିବା ସନ୍ଧାନୀ କୁକୁରଙ୍କ ସହାୟତାରେ ଜଙ୍ଗଲର ବିଭିନ୍ନ ସ୍ଥାନରୁ ଶିଶୁକନ୍ୟାର ମୁଣ୍ଡ, ଦୁଇ ହାତ ଓ ଦୁଇ ଗୋଡ଼ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଏହି ଦୃଶ୍ୟ ପରିବାର ଓ ଗ୍ରାମବାସୀଙ୍କୁ ଗଭୀର ମର୍ମାହତ କରିଛି।ସୂଚନାଯୋଗ୍ୟ, ବିଷ୍ଣୁ ଗଣ୍ଡଙ୍କ ଘରଠାରୁ ମାତ୍ର ୫୦ ମିଟର ଦୂରରେ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲ ଛତିଶଗଡ଼ର ଜଙ୍ଗଲ ସହ ସଂଲଗ୍ନ ଥିବାରୁ ଏବଂ ନିକଟରେ ଉଦନ୍ତି-ସୀତାନଦୀ ଅଭୟାରଣ୍ୟ ରହିଥିବାରୁ କଲରାପତରିଆ ବାଘର ଚଳପ୍ରଚଳ ନେଇ ଆଶଙ୍କା କରାଯାଉଛି। ଏପରିକି ଗତ ଦୁଇ ଦିନ ଧରି ମାରିପାରା ଜଙ୍ଗଲ ଅଞ୍ଚଳରେ କେତେକ ଲୋକ କଲରାପତରିଆ ବାଘ ଦେଖିଥିବା କହିଛନ୍ତି।

ପ୍ରାଥମିକ ତଦନ୍ତରୁ କଲରାପତରିଆ ବାଘ ଆକ୍ରମଣରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ରାଇଘର ରେଞ୍ଜର ସୂଚନା ଦେଇଛନ୍ତି।ଏହି ଘଟଣା ପରେ ଚଡ଼ିଆପାରା ସମେତ ଆଖପାଖ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଛୋଟ ପିଲାଙ୍କୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରାମବାସୀଙ୍କ ଦାବି, ବନ ବିଭାଗ ତୁରନ୍ତ ଜଙ୍ଗଲରେ ବାଘର ଗତିବିଧି ଚିହ୍ନଟ କରିବା ସହ ଗାଁଗୁଡ଼ିକର ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେଉ।ଏକ ନିଷ୍ପାପ ଶିଶୁର ଜୀବନ ଚାଲିଗଲା, ଗୋଟିଏ ପରିବାରର ହସ ସବୁଦିନ ପାଇଁ ହଜିଗଲା। ବେଦିକା ଆଉ ଫେରିବନି, ହେଲେ ତା'ର ମୃତ୍ୟୁ ପରେ ଆଉ କୌଣସି ମା'ର କୋଳ ଯେପରି ଶୂନ୍ୟ ନହେଉ, ସେଥିପାଇଁ ବନ ବିଭାଗ ଓ ପ୍ରଶାସନ କେବେ ଜାଗିବେ ଏବେ ଏହା ହିଁ ସମଗ୍ର ଅଞ୍ଚଳବାସୀଙ୍କ ମର୍ମସ୍ପର୍ଶୀ ପ୍ରଶ୍ନ।

ରାବଣ ବେଶରେ ଦର୍ଶନ ଦେଲେ ଲଡୁବାବା

ଓଡ଼ଗାଁ, (ମହାଭାରତ): ନୟାଗଡ଼ ଜିଲାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ବିରାଜିତ ପ୍ରଭୁ ଲଡୁବାବା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀରେ ଦୁର୍ଲଭ କୈଳାଶ ପର୍ବତ ଉତ୍ପାଟନ ବା ରାବଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।ବର୍ଷକୁ କେବଳ କାର୍ତ୍ତିକ ପୂର୍ଣ୍ଣିମୀରେ ହେଉଥିବା ଏହି ଅନନ୍ୟ ବେଶରେ ପ୍ରଭୁ ଲଡୁବାବାଙ୍କ ଦର୍ଶନପାଇଁ ଭକ୍ତମାନେ ଆନନ୍ଦର ସହ ଅପେକ୍ଷା କରିଥାନ୍ତି।କିମ୍ବଦନ୍ତୀ ଅନୁସାରେ ମହାନ ଶୈବଭକ୍ତ ଲଙ୍କପତି ରାବଣ ଦେବଦେବ ମହାଦେବଙ୍କୁ ସର୍ବଦା ପୂଜାର୍ଚ୍ଚନା କରିବା ନିମନ୍ତେ ଏକ କାମନା ଲିଙ୍ଗକୁ କୈଳାସ ପର୍ବତ ସହ ଉତ୍ପାଟନକରି ନେବାପାଇଁ ପ୍ରଚେଷ୍ଟା କଲା।କିନ୍ତୁ ରାବଣର ଏପରି ଅତ୍ୟଧିକ ଅହଂକାର ଓ ଔଦ୍ଧତ୍ୟରେ ଅତିଷ୍ଠହୋଇ ବାବା ନିଜପାଦର ବୃଦ୍ଧାଙ୍ଗୁଳିରେ କୈଳାଶ ପର୍ବତକୁ ସ୍ପର୍ଶ କରିବାରୁ ରାବଣର ଉଦ୍ୟମ ସଫଳ ହୋଇ ପାରିନଥିଲା।ସେହି ଘଟଣାର ପ୍ରତୀକ ସ୍ୱରୂପ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମୀରେ ପ୍ରଭୁ ଲଡୁବାବା ଏହି ସ୍ୱତନ୍ତ୍ର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି।ଅନ୍ୟ ପକ୍ଷରେ ଶିବପୁରାଣ ଅନୁସାରେ ଶୈବଭକ୍ତମାନେ ବାବାଙ୍କର ଏହି



ବେଶକୁ କୈଳାଶ ଉତ୍ପାଟନ ବେଶ ବୋଲି କହିଥାନ୍ତି।ସେହିପରି ପବିତ୍ର ରାସପୂର୍ଣ୍ଣିମାରେ ମନ୍ଦିର ବେଢାରେ ଥିବା ଜଗନ୍ନାଥ ମନ୍ଦିରରେ ଅଧିଷ୍ଠିତ ପ୍ରଭୁ ଜଗନ୍ନାଥ,ବଡଠାକୁର ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା କାଞ୍ଚି ଅଭିଯାନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡଙ୍କ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ ସେବାସୀ ପ୍ରଭୁଙ୍କ ସମସ୍ତ ନୀତି ସମ୍ପର୍ଣ୍ଣ କରିଥିବାବେଳେ ଶରଣକୁଳ ଥାନାପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

ପଦୋନ୍ନତିରେ ଅର୍ଥ ଆଦାୟ ଅଭିଯୋଗକୁ ଖଣ୍ଡନ କଲା ଶିକ୍ଷକ ସଂଘ



ନୂଆପଡା(ମହାଭାରତ) ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତିରେ ଲକ୍ଷାଧିକ ଟଙ୍କା ଆଦାୟ ହୋଇଥିବା ନେଇ ସୋସିଆଲ ମିଡିଆରେ ହୋଇଥିବା ଏକ ପୋଷ୍ଟକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଗତ ୨୨ ତାରିଖରେ ଏକ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆ ସାଇଟ୍‌ରେ ଏଭଳି ଅଭିଯୋଗ ସମ୍ପର୍କିତ ପୋଷ୍ଟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏହି ପୋଷ୍ଟକୁ ଆଧାର କରି ବିଭିନ୍ନ ଖବରକାଗଜରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା। ତେବେ ଏହି ଅଭିଯୋଗକୁ ଖଣ୍ଡନ କରିଛି ଶିକ୍ଷକ ସଂଘ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ବିନା କୌଣସି ପ୍ରମାଣରେ ଜିଲ୍ଲା ଶିକ୍ଷା ବିଭାଗକୁ ବଦନାମ କରିବାର ଏକ ଉଦ୍ୟମ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେବଳ ସୋସିଆଲ ମିଡିଆରେ ପ୍ରକାଶିତ ଏକ ପୋଷ୍ଟକୁ ଆଧାର କରି ତାହାର ସତ୍ୟତା ଯାଞ୍ଚ ନକରି ଖବରକାଗଜରେ ପ୍ରକାଶ କରିବା ନିନ୍ଦନୀୟ ବୋଲି ଶିକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଏନେଇ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଯଥା ଅଭିଯୋଗ ଓ ଚର୍ଚ୍ଚାକୁ ଗୁରୁତ୍ୱ ନଦେଇ ଶିକ୍ଷକମାନଙ୍କ ଦୀର୍ଘଦିନରୁ ଅପେକ୍ଷାରତ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମାନୁଯାୟୀ ପଦୋନ୍ନତି ପ୍ରଦାନ କରିବାକୁ ସଂଘ ଦାବି ଜଣାଇଛି। ଶିକ୍ଷକଙ୍କ ସମ୍ମାନ ଓ ଶିକ୍ଷା ବିଭାଗର ସ୍ୱଚ୍ଛତା ଅକ୍ଷୁଣ୍ଣ ରଖିବା ସହ ପଦୋନ୍ନତି ସମସ୍ୟାର ଶୀଘ୍ର ସମାଧାନ ଦିଗରେ ବିଭାଗ ପଦକ୍ଷେପ ନେବାକୁ ଶିକ୍ଷକ ସଂଘ ଦାବି କରିଛି।

ବୈତରଣୀ ନଦୀରେ ଶ୍ରଦ୍ଧାଳୁଙ୍କ ବୁଡ଼ ପକାଇବା ସହ ଡଙ୍ଗା ଭସାଇଲେ



ପାଟଣା, (ମହାଭାରତ): ପବିତ୍ର ଧର୍ମ କାର୍ତ୍ତିକ ମାସ ଅବସରରେ ପାଟଣା ପୁଣ୍ୟ ତୋୟା ବୈତରଣୀ ନଦୀ ଅନୁସୟା ଘାଟ ରେ ବିଭନ୍ନ ଜିଲ୍ଲା ର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଙ୍କ ସମାଗମ ସହ ବୁଡ ପକାଇବା ସହ ଡଙ୍ଗା ବସାଇ ଛନ୍ତି। ଏହି ଧର୍ମ କାର୍ତ୍ତିକ ମାସ ରେ ଅବସରରେ ପରମେଶ୍ୱର ମନ୍ଦିର ଓ ଆନନ୍ଦେଶ୍ୱର ମନ୍ଦିର ରେ ଶ୍ରଦ୍ଧାଳୁ ମାନଙ୍କ ସମାଗମ ସହିତ ପୂଜାର୍ଚନା କରିବା ଦେଖିବାକୁ ମିଳି ଛି। ଏଥି ସହିତ ପରମେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନଦୀ ରେ ବୁଡ ପକାଇ ପାଇଁ ବିଜୁଳି ସହ ଆସିଥିବା ଗାଡ଼ି ରଖିବା ବ୍ୟବସ୍ଥା କରାଯାଇ ଥିବା ବେଳେ ପାଟଣା ପୋଲିସ ପ୍ରଶାସନ ସୁରକ୍ଷା ନିମନ୍ତେ ଉପସ୍ଥିତ ଥିଲେ।

ଜାହାନିଆ ବାଲିଯାତ୍ର ଆରମ୍ଭ, ବହୁ ଦର୍ଶକଙ୍କ ଭିଡ଼

ଅଷ୍ଟରଙ୍ଗ, (ମହାଭାରତ) : ପବିତ୍ର କାର୍ତ୍ତୀକ ପୂର୍ଣ୍ଣିମା ଅବସରରେ ପୀର ଜାହାନିଆ ବେଳାଭୂମୀ ରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଯାଇଛି ।ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ରେ ବନ୍ଧା ହଜାର ହଜାର ଭକ୍ତଙ୍କ ଗହଣରେ ମଙ୍ଗଳବାର ଠାରୁ ବହୁପ୍ରତିକ୍ଷିତ ପୀରଜାହାନିଆ ବାଲିଯାତ୍ରା ଆରମ୍ଭ ହୋଇଛି ବାଲିଯାତ୍ରା ଦୁଇ ଦିନ ବ୍ୟାପୀ ହେବାକୁ ଯାଉଛି। ଅଷ୍ଟରଙ୍ଗ, କାକଟପୁର, ନିମାପଡା, ନିଆଳୀ ପ୍ରଭୃତି ଆଖପାଖ ଅଂଚଳରୁ ହଜାର ହଜାର ଜନସାଧାରଣ ଆସି ଯାତ୍ରାର ମଜାନେବା ସହିତ ସାଇବାବାଙ୍କ ମନ୍ଦିରରେ ପହଁଚି ବାବା ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିବା ସହିତ ପୀର ବାବାଙ୍କ ସାନିଧ୍ୟ ଲାଭ କରିଥିଲେ ।ଆଇନ ଶୃଙ୍ଖଳା ପରିସ୍ଥିତି କୁ ଆଖି ଆଗରେ ରଖି ଅଷ୍ଟରଙ୍ଗ ପୁଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।୨ଦିନ ବ୍ୟାପି ଅନୁଷ୍ଠିତ ପୀରଜାହାନିଆ ବାଲିଯାତ୍ରାରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ତ୍ୱରିତ ପଦକ୍ଷପ ନିମନ୍ତେ ସ୍ଥାନୀୟ ମାଜିଷ୍ଟ୍ରେଟ୍ ପ୍ରିୟଙ୍କା ପତି ଓ ନିମାପଡା ଏସ.ଡି.ପି.ଓ ଜନାର୍ଦ୍ଦନ ପାଢ଼ୀଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ଅଷ୍ଟରଙ୍ଗ ଥାନା ଅଧିକାରିଣୀ ରୀତା ବେହେରା ଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହ ନିମାପଡା ସବ ଡିଭିଜନର ପୋଲିସ ଅଧିକାରୀ ମାନେ ,ଅଗ୍ନିଶମଅଧିକାରୀ ମାନେ ସମୁଦ୍ରକୂଳରୁ କଣମଣ ବ୍ରୀଜ ପର୍ଯ୍ୟନ୍ତ ମୁତୟନ ହୋଇଥିବା ବେଳେ ସମୁଦ୍ର ଭିତରକୁ ଯେମିତି କିଏ ଯାଇ ପ୍ରାଣ ନହରାନ୍ତି ସେଥି ପାଇଁ ଲାଇଫ ଗାର୍ଡ,କୂଳରେ ମୁତୟନ କରାଯାଇଛି ପାଣି ଭିତରେ ମଟର ବୋଟ ପହରା ଦେଉଛି ଅନ୍ୟ ପଟେ ସ୍ୱାସ୍ଥ୍ୟ ସିବିର,ସୂଚନା କେନ୍ଦ୍ର, ବିଦ୍ୟୁତ ବିଭାଗର ଷ୍ଟଲ ଖୋଲା ଯାଇଛି ।ଅନ୍ୟ ପକ୍ଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳ ଦହି ଲେମ୍ବୁ ପଣା ବଣ୍ଟନ କରାଯାଉଥିଲା।

ରାଜ୍ୟସ୍ତରୀୟ ବକ୍ସିଂରେ ଗଜପତିର ଚମକ

୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ

ପାରଳାଖେମୁଣ୍ଡି, ୨୪/୧୧ (ସକାଳ): ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଜପତି ଜିଲ୍ଲାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଆମେଚର ବକ୍ସିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଦଶମ ଏଲିଟ୍ ପୁରୁଷ ଓ ମହିଳା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା-୨୦୨୬ ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ?ରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶାରୀରିକ ଶିକ୍ଷା ଶିକ୍ଷକ ତଥା ବକ୍ସିଂ ଖେଳାଳି ଶ୍ରୀ ଦିଲେଶ୍ୱର ତୁଣାଙ୍କ ନେତୃତ୍ୱରେ ଗଜପତି ଦଳ ଅଂଶଗ୍ରହଣ କରିଥିଲା। ଦଳର ଶିବ ଅଙ୍କୁଲୁ ୫୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଏବଂ ଭଗବାନ ତୁଣା ୭୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ସୋନୁଏଲ ଜେନା



୮୦ କେଜି ବର୍ଗରେ ରୌପ୍ୟ ପଦକ ଜିତି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ଏହି ସଫଳତାର ମୁଖ୍ୟ ଶ୍ରେୟ ବକ୍ସିଂ ପ୍ରଶିକ୍ଷକ ଶ୍ରୀ ରାମକୃଷ୍ଣ ବେନିଆଙ୍କୁ ଦିଆଯାଉଛି। ପେସାରେ ଶିକ୍ଷକ ହୋଇଥିଲେ ମଧ୍ୟ ବକ୍ସିଂ କ୍ରୀଡ଼ା ପ୍ରତି ତାଙ୍କର ଅସୀମ ଆଗ୍ରହ, ନିଷ୍ଠା, ସମର୍ପଣ ଭାବ ଓ ଦିନରାତି କଠିନ ପରିଶ୍ରମ ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ସଫଳତା ଆଣିଦେଇଛି। ତାଙ୍କର ନିୟମିତ ପ୍ରଶିକ୍ଷଣ ଓ ଉଚିତ ମାର୍ଗଦର୍ଶନରେ ଗଜପତିର ବକ୍ସରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଏହି ସଫଳତାରେ ଖୁସିବ୍ୟକ୍ତ କରି ଗଜପତି ଜିଲ୍ଲା ଶିକ୍ଷାଧିକାରୀ ଡଃ ମାୟାଧର ସାହୁ ସମସ୍ତ ପଦକ ବିଜେତା ଖେଳାଳି, ଦଳୀୟ ପ୍ରବନ୍ଧକ ଶ୍ରୀ ଦିଲେଶ୍ୱର ତୁଣା ଓ ପ୍ରଶିକ୍ଷକ ଶ୍ରୀ ରାମକୃଷ୍ଣ ବେନିଆଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ମଧ୍ୟ ଖେଳାଳିମାନଙ୍କ ଏହି ସଫଳତାକୁ ପ୍ରଶଂସା କରିବା ସହ ପ୍ରଶିକ୍ଷକ ଶ୍ରୀ ରାମକୃଷ୍ଣ ବେନିଆଙ୍କ ନିଷ୍ଠା, ସମର୍ପଣ ଓ କଠିନ ପରିଶ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ ଖେଳାଳିମାନଙ୍କୁ ନିୟମିତ ଅଭ୍ୟାସ, ଶୃଙ୍ଖଳା ଓ ଦୃଢ଼ ମନୋବଳ ବଜାୟ ରଖି ଆଗାମୀ ଦିନରେ ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅଧିକ ପଦକ ହାସଲ କରି ଗଜପତି ଜିଲ୍ଲା ତଥା ଓଡ଼ିଶାର ଗୌରବ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଗଜପତି ଜିଲ୍ଲାର ଏହି ଐତିହାସିକ କ୍ରୀଡ଼ା ସଫଳତାରେ ଜିଲ୍ଲାର କ୍ରୀଡ଼ାପ୍ରେମୀ, ଶିକ୍ଷକ ଓ କ୍ରୀଡ଼ାବିତ୍ ?ଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଛି।

ପରିଚ୍ଛା ମଠରେ କାର୍ତ୍ତିକ ବ୍ରତ ସମାପନ ଓ ମାର୍ଗଶିର ସଂକଳ୍ପ: ଭାଗବତ ସୂର୍ଯ୍ୟ ଶ୍ରୀ ରାଧାକାନ୍ତ ଦାସ ମହାରାଜଙ୍କ ଦ୍ୱାରା 'ମହାରାସ ବିଶେଷାଙ୍କ' ଉନ୍ମୋଚିତ

ପାରଳାଖେମୁଣ୍ଡି, (ମହାଭାରତ): ପାରଳାଖେମୁଣ୍ଡି ସହରସ୍ଥିତ ଐତିହାସିକ ପରିଚ୍ଛା ମଠ ପରିସରରେ ପବିତ୍ର 'ଦାମୋଦର' ଲୀଳାର କାର୍ତ୍ତିକ ବ୍ରତ ଏବଂ ବାଳ-ମୁକୁନ୍ଦ କେନ୍ଦ୍ରର ମାସବ୍ୟାପୀ କାର୍ତ୍ତିକ ସେବା ଓ ସଂସ୍କାର କାର୍ଯ୍ୟକ୍ରମ ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଉଦ୍‌ଯାପିତ ହୋଇଯାଇଛି। ଧର୍ମମାସ କାର୍ତ୍ତିକର କଠୋର ତପସ୍ୟା, ସଂଯମ ଓ ବ୍ରତ ପାଳନ ପରେ ପବିତ୍ର ମାର୍ଗଶିର ମାସର ଶୁଭାରମ୍ଭ ଅବସରରେ ଭକ୍ତମାନେ ନୂତନ ଆଧ୍ୟାତ୍ମିକ ସଂକଳ୍ପ ଗ୍ରହଣ କରିଛନ୍ତି। ଏହି ପବିତ୍ର ଅବସରରେ ବ୍ରହ୍ମପୁରରୁ ଆଗତ ପ୍ରସିଦ୍ଧ ରସଧାରା ପ୍ରବକ୍ତା ତଥା 'ଭାଗବତ ସୂର୍ଯ୍ୟ' ଶ୍ରୀ ରାଧାକାନ୍ତ ଦାସ ମହାରାଜ—ଯିଏ ବର୍ତ୍ତମାନ ବଡ଼ ରାଧାକାନ୍ତ ମଠରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞରେ ପ୍ରବଚନ ପ୍ରଦାନ କରୁଛନ୍ତି—ପରିଚ୍ଛା ମଠ ବିଜେ ଶ୍ରୀରସିକରାଜ ମହାପ୍ରଭୁଙ୍କ ମନ୍ଦିରର ପ୍ରାଚୀନ ଐତିହ୍ୟ ଓ ଇତିହାସ ଜାଣିବାକୁ ମଠ ପରିଦର୍ଶନ କରିଥିଲେ। ସେ ମନ୍ଦିରର ଗୌରବମୟ ଇତିହାସ ଜାଣିବା ସହିତ ମଠ ପାଠାଗାରରେ ସଂରକ୍ଷିତ ଅତି ପୁରାତନ ଓ ଦୁର୍ଲଭ ବଙ୍ଗଳା ଗ୍ରନ୍ଥରାଜି ପଠନ କରି ଅତ୍ୟନ୍ତ ଆନନ୍ଦିତ ଓ ଆଶ୍ଚର୍ଯ୍ୟଚକିତ ହୋଇଥିଲେ। ଏହି ଅମୂଲ୍ୟ ଶାସ୍ତ୍ରୀୟ ଗ୍ରନ୍ଥଗୁଡ଼ିକର ଉତ୍ତମ ଯତ୍ନ ଓ ସୁରକ୍ଷା ଦେଖି ସେ ମଠର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀ ଏବଂ ମନ୍ଦିର ପରିଚାଳକ ମୁରଲୀଧର ପରିଚ୍ଛାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଶ୍ରୀ ରାଧାକାନ୍ତ ଦାସ ମହାରାଜ ବାଳ-ମୁକୁନ୍ଦ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ବାଳ-ମୁକୁନ୍ଦ କାନ୍ଥୁ ପତ୍ରିକା' (ମହାରାସ ବିଶେଷାଙ୍କ)କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ସେ ପତ୍ରିକାରେ ସନ୍ନିବେଶିତ ଚାରୋଟି ଆଧ୍ୟାତ୍ମିକ ସ୍ତମ୍ଭ— ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମଦ୍‌ଭଗବଦ୍ ଗୀତା, ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଦର୍ଶନ ଏବଂ ପୂଜ୍ୟ ସ୍ୱାମ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଦଶପଲ୍ଲା ଟନେଲ୍ ଓ ରେଳ ଲାଇନ୍ ପରିଦର୍ଶନ କଲା ପ୍ରଶାସନିକ ଓ ରେଳ ବିଭାଗ ମିଳିତ ଟିମ୍



ଦଶପଲ୍ଲା, (ମହାଭାରତ): ଖୋର୍ଦ୍ଧା–ବଲାଙ୍ଗୀର ବହୁପ୍ରତୀକ୍ଷିତ ରେଳପଥ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସୋମବାର ଦିନ ପ୍ରଶାସନିକ ଓ ରେଳ ବିଭାଗର ଏକ ମିଳିତ ଉଚ୍ଚସ୍ତରୀୟ ଟିମ୍ ଦଶପଲ୍ଲା ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତ ୧୮ ତାରିଖ ଦିନ ଦଶପଲ୍ଲାରୁ ବୁଗୁଡ଼ା ପର୍ଯ୍ୟନ୍ତ ରେଳ ଇଞ୍ଜିନ୍‌ର ସଫଳ ଟ୍ରାଏଲ୍ ରନ୍ ଶେଷ ହେବା ପରେ ଏହି କ୍ଷେତ୍ର ପରିଦର୍ଶନ ବେଶ୍ ଗୁରୁତ୍ୱ ବହନ କରୁଛି। ମିଳିତ ଟିମ୍ ଦଶପଲ୍ଲା ସ୍ଥିତ ନିର୍ମାଣାଧୀନ ଟନେଲ୍ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ରେଳ ଲାଇନର ବର୍ତ୍ତମାନର ସ୍ଥିତି ପରଖିଥିଲେ। ଏହି ପରିଦର୍ଶନରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଦଶପଲ୍ଲା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ। ଗସ୍ତ ସମୟରେ ଅଧିକାରୀମାନେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ଭୂମି ଅଧିଗ୍ରହଣ ଓ ଖଣିଜ ସମ୍ପଦ ସଂକ୍ରାନ୍ତୀୟ ବିଷୟ ତଥା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଅନୁଧ୍ୟାନ କରିଥିଲେ। ନିର୍ମାଣ କାର୍ଯ୍ୟରେ ରହିଥିବା ବିଭିନ୍ନ ଦିଗ ଉପରେ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିବା ସହ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରି ସମୀକ୍ଷା କରିଥିଲେ।

ରାସପୂର୍ଣ୍ଣିମାରେ ଚଳଚଞ୍ଚଳ ରଘୁନାଥ ପୀଠ
ମନ୍ଦିର ମାଳିନୀ କୁରାଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଓଡ଼ଗାଁ,(ମହାଭାରତ):ସ୍ୱର୍ଣକଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥଜିଉଙ୍କ ମଙ୍ଗଳବାର ପବିତ୍ର କାର୍ତ୍ତିକମାସ ପଞ୍ଚୁକ ଯାତ୍ରାର ଅନ୍ତିମସନ୍ଧ୍ୟା ତଥା ରାସପୂର୍ଣ୍ଣିମାରେ ପ୍ରଭୁଙ୍କ କାଞ୍ଚିଅଭିଯାନ ବେଶ ଦେଖି ସୌଭାଗ୍ୟ ଅର୍ଜନ କରିଛନ୍ତି ହଜାରହଜାର ଶ୍ରଦ୍ଧାଳୁ।ପ୍ରତିଦିନ ସକାଳେ ଦୈନନ୍ଦିନ ନୀତି ସରିବାପରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ କାଞ୍ଚି ଅଭିଯାନ ବେଶ ଦର୍ଶନ ଲଭିଥିଲେ।ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ସମସ୍ତ ନୀତିକାନ୍ତି ପୁରୀ ଜଗନ୍ନାଥଙ୍କ ରୀତିନୀତି ସହିତ ଅନେକ ସାମଞ୍ଜସ୍ୟ ରହିଥିବାବେଳେ



ରଘୁନାଥଙ୍କ ମଧ୍ୟରେ ଜଗନ୍ନାଥଙ୍କ ଲୀଳା ସ୍ୱରୂପକୁ ଦର୍ଶନ କରିବାଲାଗି ଭିଡ଼ ଲାଗିରହିଥ ?ବା ଦେଖାଯାଇଥିଲା।ପ୍ରଭୁ ରାମଚନ୍ଦ୍ର କଳାଘୋଡ଼ା ଏବଂ ଭ୍ରାତା ଲକ୍ଷ୍ମଣ ଠାକୁର ଧଳାଘୋଡ଼ାରେ କୃଷ୍ଣ ବଳରାମ ବେଶ ଧାରଣକରି ଯୁଦ୍ଧ ଅଭିଯାନରେ ବାହାରି ପଥରେ ମାଣିକ ଗଉଡୁଣୀଠାରୁ ଦହିଖିଆ ଦୃଶ୍ୟଥିଲା। ଆଜିବେଶର ମହାତ୍ମ୍ୟ।ଆଜିର ପାଳିଆପଣ୍ଡା ଚିତ୍ତରଞ୍ଜନ ମହାପାତ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର,ମହାସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡାଙ୍କ ସହିତ ସମସ୍ତ କର୍ମକର୍ତ୍ତା,ମନ୍ଦିର ପଟ୍ଟିଛା ଓ ମନ୍ଦିରପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ସମସ୍ତ ନୀତି ସମାପନ ହୋଇଥିବାବେଳେ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା ।ଅନୁରୂପ ଭାବେ ଜାମୁପାଶୋ ସ୍ଥିତ ଦୁତାକେଶ୍ୱର ମହାଦେବ,କୋମଣ୍ଡ ବିଜେ ଶ୍ରୀଶ୍ରୀ ଡଙ୍କନାଗନ ଜୀଉ ଓ ମନ୍ଦିରମାଳିନୀ ଗ୍ରାମ କୁରାଳର ସମସ୍ତ ଦେବାଦେବୀଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

କାର୍ତ୍ତିକ ପୂର୍ଣ୍ଣିମାରେ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ସ୍ୱେଚ୍ଛାସେବୀ

ଗଜପତି(ମହାଭାରତ): 'ସଂସ୍କୃତି ରକ୍ଷା, ପରିବେଶ ସୁରକ୍ଷା' ବିଷୟବସ୍ତୁକୁ ଧ୍ୟାନରେ ରଖି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଓ ଗଜପତି ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ କୁମାର ମହନ୍ତଙ୍କ ଡ଼ାକରାରେ ସର୍ବ ପ୍ରଥମେ ସକାଳ ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଫେଇ କରାଯାଇ ଇତସ୍ତତଃ ଭାବେ ପଡିଥିବା ଦୀପ ତଥା ଫୁଲକୁ ଯଥାସ୍ଥାନରେ ସସମ୍ମାନେ ପକାଯାଇଥିଲା। ପରେ ଜଗନ୍ନାଥ ସେବା ଦଳର ମୁଖ୍ୟ ଦୁର୍ଗା ମାଧବ ପାଣିଗ୍ରାହୀ, ପ୍ରଗତି ମହିଳା ସଙ୍ଗଠନର ସଭାପତି ଲୋକନାଥ ମିଶ୍ର, ଗିରିଶ ପାଳ, ବଜରଙ୍ଗ ଦଳର କୈଳାଶ ବିଶ୍ୱାଳ, ରାୟ ଗୋବିନ୍ଦ ରାଜୁ, ଗୌତମ ପାଢ଼ୀ, ପରିବେଶବିଦ ମନୋଜ ଦାଶ, ଦୁର୍ଗାଶକ୍ତି ବାହିନୀର ସଦସ୍ୟ ସଦସ୍ୟାମାନେ ଏଥିରେ ଯୋଗ ଦେଇ ଏହି ସେବା କାର୍ଯ୍ୟକୁ ବ୍ୟାପକ କରିଥିଲେ। ପରେ ସମସ୍ତେ ସଂସ୍କୃତି ରକ୍ଷା ନାରା ଦେଇ ମହେନ୍ଦ୍ରତନୟା ନଦୀ କୂଳକୁ ଯାଇ ସେଠାରେ ବିକ୍ଷିପ୍ତ ଭାବେ ପଡିଥିବା କାଗଜ ତଥା ସୋଲ ଡ଼ଙ୍ଗା, କଦଳୀ ପାତୁକା ତଥା ଅନ୍ୟ ଅଳିଆ ଆବର୍ଜନାକୁ ସଫା କରି ଘାଟକୁ ପରିଷ୍କାର କରିଥିଲେ। ଏହା ପରେ ସଦାରାମ ପୋଖରୀକୁ ମଧ୍ୟ ଏହି ଦଳ କିଛି ମାତ୍ରାରେ ସଫେଇ କରି ପରିବେଶ ସୁରକ୍ଷାର ଯଥାସମ୍ଭବ ବାର୍ତ୍ତା ସମାଜକୁ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାହାଯ୍ୟ ସହଯୋଗର ହାତ ବଢ଼ାଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ସଂସ୍କୃତି ରକ୍ଷା ପରିବେଶ ସୁରକ୍ଷାର ନିଆରା ବାର୍ତ୍ତା ବାଣ୍ଟିଥିଲେ।

ରାସ ପୂର୍ଣ୍ଣିମା ପାଳିତ; ଭୀମରା ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ



ଦଶପଲ୍ଲା, (ମହାଭାରତ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତଥା ରାସ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଦଶପଲ୍ଲା ଅଞ୍ଚଳ ଭକ୍ତିମୟ ଓ ଉତ୍ସବମୁଖର ହୋଇଉଠିଥିଲା। ପ୍ରତ୍ୟୁଷରୁ ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ନଦୀ, ପୋଖରୀ ଓ ଜଳାଶୟରେ 'ଆ-କା-ମା-ବୈ' ଧ୍ୱନି ଗୁଞ୍ଜରି ଉଠିଥିଲା। ଓଡ଼ିଶାର ଗୌରବମୟ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରି ଶ୍ରଦ୍ଧାଳୁମାନେ କଦଳୀ ପଟୁଆ ଓ କାଗଜ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରିଥିଲେ।ଏହି ଅବସରରେ ବିଭିନ୍ନ ଦେବାଳୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବାବେଳେ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରେକୃଷ୍ଣ ହରେରାମ ନାମ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଥିଲା।ସେହିପରି ଦଶପଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମରା ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଭୀମରାର ପ୍ରାକୃତିକ ପରିବେଶ ଓ ଧାର୍ମିକ ମାହାତ୍ମ୍ୟକୁ ଉପଭୋଗ କରିବା ସହ ବହୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର ସାହୁ ଓ ଖମାରସାହି ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଭୀମରା ପୀଠ ପରିଦର୍ଶନ କରିଥିଲେ। ସେମାନେ ଉତ୍ସବ କମିଟିର ଉପଦେଷ୍ଟା ତ୍ରିନାଥ ସାହୁଙ୍କ ସହ ଆଲୋଚନା କରିଥିଲେ ।ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଯାତାୟାତ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ, ଡ୍ରାଇଭର ସଂଘ ଓ ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିସହ କାର୍ତ୍ତିକ ବ୍ରତର ସମାପନ ହେବା ସହ ବିଭିନ୍ନ ସ୍ଥାନରେ ଚାଲିଥିବା ରାସଯାତ୍ରା ମଧ୍ୟ ଆଜି ଉଦ୍‌ଯାପିତ ହୋଇଥିଲା। ଏହାକୁ ନେଇ ଦଶପଲ୍ଲା ଅଞ୍ଚଳରେ ଧାର୍ମିକ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା।

ଗଛରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ପୁରୁଣାଗଡ଼ ଗ୍ରାମରେ ମଙ୍ଗଳବାର ଦିନ ଜଣେ ଯୁବକଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ନାମ ସୁବ୍ରତ ସାହୁ (ଟିକୁନ୍) ଏବଂ ତାଙ୍କ ଘର କୟାକୁଦ ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁବ୍ରତ ଗତ ୧୦ରୁ ୧୫ ବର୍ଷ ଧରି ପୁରୁଣାଗଡ଼ ଗ୍ରାମରେ ରହି ଆସୁଥିଲେ। କୌଣସି କାରଣରୁ ପାରିବାରିକ କଳହ ଯୋଗୁଁ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡିଛି। ତେବେ ଆଜି ସକାଳୁ ଉକ୍ତ ଯୁବକଙ୍କ ମୃତଦେହ ଗ୍ରାମ ନିକଟ ଆମ୍ବ ତୋଟାରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ରେଢ଼ାଖୋଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

ଫାଇନାଲ ରେ ଏଜେ ଫାଇଟର ବନାମ ଏନଏସ ଫାଇଟର

ଉଦଳା, (ମହାଭାରତ): ଉଦଳା ବ୍ଲକ ବୈରାଟପୁର ପ୍ରିମିଓର ଲିଗ ସିଜିନ ୨ ର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରେ ତ୍ରିଶକ୍ତି ଫାଇଟର କୁ ହରାଇ ଏନଏସ ଫାଇଟର ଫାଇନାଲ ରେ ପ୍ରବେଶ କରିଛି । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରେ ପ୍ରଥମେ ଏନଏସ ଫାଇଟର ବ୍ୟାଟିଂ କରି ୧୫ ଅଭର ରେ ୧୭୩ ରନ ସଂଗ୍ରହ କରିଥିବା ବେଳେ ତ୍ରିଶକ୍ତି ଫାଇଟର ଫାଇଟର ୧୫ ଅଭର ରେ ୧୬୪ ରନ କରି ମ୍ୟାଚ ଟିକୁ ହାରିଯାଇଥିଲା । ଯାହାକି ସିଧା ସଳଖ ଏନଏସ ଫାଇଟର ଫାଇନାଲ କୁ ପ୍ରବେଶ କରିଛି । ତ୍ରିଶକ୍ତି ଫାଇଟର ପକ୍ଷରୁ ମଣ୍ଟୁ ମହାକୁଡ଼ ମ୍ୟାନ ଅଫ ଦା ମ୍ୟାଚ ସହ ଦୀପକ ବେହେରା ଙ୍କୁ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ରେ ବିବେଚନା କରାଯାଇଥିଲା । ଦ୍ୱିତୀୟ ସେମିଫାଇନାଲ ପର୍ଯ୍ୟୟ ଖେଳ ରେ ଅତିଥିଭାବେ ଉଦଳା ଉପଜିଲ୍ଲାପାଳ ଙ୍କ ଅଫିସ ର ପେସ୍କାର ସତ୍ୟ ପ୍ରକାଶ ପାତ୍ର, ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭାପତି ବୀରେନ୍ଦ୍ର ମଢେଇ, ଏଟିଏମ ସତ୍ୟ ବ୍ରତ ଘଡ଼ାଇ ଏବଂ ପ୍ରିମିଅର ଲିଗ ର ମୁଖ୍ୟ ଉପଦେଷ୍ଟା ଦୀପକ ମିଶ୍ର ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସେମିଫାଇନାଲ ମ୍ୟାଚ ର ଏମ୍ପେୟାର ଭାବେ ଓସିଏ ପେନାଲ ତାପସ କୁମାର ଦେ ଏବଂ ତପନ କୁମାର ବେହେରା ଖେଳ ପରିଚାଳନା କରିଥିବା ବେଳେ ପଙ୍କଜ ମହାକୁଡ଼ ସମ୍ପୂର୍ଣ୍ଣ ଧକ୍ଷରାବିବରଣୀ ପ୍ରଦାନ କରିଥିଲେ । ଆଜିର ମ୍ୟାଚ ରେ ଅନଲାଇନ ସ୍କୋରର ଭାବେ ରବିନାରାୟଣ ମହାପାତ୍ର ଅଫଲାଇନ ସ୍କୋରର ଭାବେ ରୁଦ୍ର ନାରାୟଣ ରଣା ସହଯୋଗ କରିଥିବା ବେଳେ ରୁଦ୍ର , ମୁନା ସିଂ ଭବେଶ ବେହେରା, ମଣ୍ଟୁ ବେହେରା, ହେମନ୍ତ ବେହେରା, ସାନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବେତାଳିଗାଁରେ ଅନୁକୂଳଚନ୍ଦ୍ରଙ୍କ ୧୩୯ତମ ଶୁଭ ଆବିର୍ଭାବ ସତସଙ୍ଗ ସମାରୋହ



ଧାମନଗର, (ମହାଭାରତ): ଧାମନଗର ବ୍ଲକ ପାଳସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେତାଳିଗାଁ ବଜାରସ୍ଥିତ ବାସନ୍ତୀ ପଡ଼ିଆରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୯ତମ ଶୁଭ ଆବିର୍ଭାବ ସତସଙ୍ଗ ସମାରୋହ ମଙ୍ଗଳବାର ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଯାଇଛି।ଏହି ଉପଲକ୍ଷେ ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ନହବତ ଓ ଉଷା କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ସଙ୍ଗୀତାଞ୍ଜଳି ପରେ ଶତାଧିକ ଗୁରୁମା ଓ ଗୁରୁଭାଇଙ୍କ ଅଂଶଗ୍ରହଣରେ ନଗର ପରିକ୍ରମା କରାଯାଇଥିଲା। ଏହାପରେ ୧୧ଟାରେ ଠାକୁରଙ୍କ ସୁସଜ୍ଜିତ ଆସ୍ଥାନ ସମ୍ମୁଖରେ ସତସଙ୍ଗ ଓ ସଦାଲୋଚନା କାର୍ଯ୍ୟକ୍ରମ ହୋଇଥିଲା।ସହପଦ ରତ୍ୱିକ ଶ୍ରୀଯୁକ୍ତ ରାଧାମାଧବ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ସହପଦ ରତ୍ୱିକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ନାୟକ, ମହେନ୍ଦ୍ର ପ୍ରସାଦ ବେହେରା, ସୁଧାଂଶୁ ଶେଖର ସାହୁ, ପ୍ରଦୀପ କୁମାର ଲେଙ୍କା, ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଗଣେଶ ପ୍ରସାଦ ବେହେରା, ଚିତ୍ତରଞ୍ଜନ ବାରିକ, ସଦାଶିବ ମହାପାତ୍ର, ଅଜିତ କୁମାର ରାଉତ, ଚିତ୍ରଭାନୁ ଦାସ, ଲକ୍ଷ୍ମୀଧର ପାତ୍ର ଓ ଭାଗବତ ଖଟୁଆ ପ୍ରମୁଖ ଯୋଗଦେଇ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ମହିମା ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଭାବଧାରାରେ ପରିପୂର୍ଣ୍ଣ ହୋଇଉଠିଥିଲା।

ବହୁ ଚର୍ଚ୍ଚିତ ସୁନାରପୋଷ ଗଛକଟା ଘଟଣାରେ ଆଉ ଜଣେ ଗିରଫ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ବନାଞ୍ଚଳର କେନ୍ଦୁଜିଆଣୀ ସେକ୍ସନ ଅନ୍ତର୍ଗତ ସୁନାରିପୋଷି ଗ୍ରାମ ନିକଟରେ ସ୍ଥାନୀୟ ବାସିନ୍ଦା ଙ୍କ ଦଖଲ ରେ ଥିବା ଗଛ କୁ ବେଆଇନ ଭାବେ କାଟିବା ଘଟଣାରେ ବନ ବିଭାଗକୁ ମିଳିଛି ଆଉ ଏକ ସଫଳତା । ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଠାକୁରମୁଣ୍ଡା ବନାଞ୍ଚଳ ଅଧୀନ କେଶଡିହା ପଞ୍ଚାୟତର ମିଟୁଆଣୀ ଗ୍ରାମ ନିକଟସ୍ଥ ଜଳସାହିର ବାସିନ୍ଦା ରାମଚନ୍ଦ୍ର ପୂର୍ତ୍ତି। ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏହି ଘଟଣାରେ ଗତ ୧୦ ତାରିଖରେ ବନ ବିଭାଗ ସୁନାରିପୋଷି ଗ୍ରାମର ଅନନ୍ତ ଚରଣ ମୁର୍ମୁଙ୍କ ନିକଟରୁ ୨୯.୨୩ ସିଫ୍ଟ କାଠ ଜବତ କରିଥିଲା। ଏନେଇ ୯୨/୨୦୨୬-୨୭ ନମ୍ବରରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ଘଟଣାର ତଦନ୍ତକୁ ଆଗକୁ ବଢ଼ାଇ ବନ ବିଭାଗ ଆଜି ଆଉ ଜଣେ ଅଭିଯୁକ୍ତ ରାମଚନ୍ଦ୍ର ପୂର୍ତ୍ତିଙ୍କୁ ଗିରଫ କରିଛି ।କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବା ପାଇଁ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ।ଏହି ଟିମ୍ ?ରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ, କେନ୍ଦୁଜିଆଣୀ ବନପାଳ ଦିବ୍ୟାଶ୍ରୀ ମହାନ୍ତ, ବାଲିପୋଷି ବନପାଳ ପ୍ରଦୀପ୍ତ କିଶୋର ହାଇବୁରୁ, ବନରକ୍ଷୀ କିଶୋର ପାତ୍ରଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ସାମିଲ ଥିଲେ। ଏହି ଘଟଣାରେ ଆହୁରି କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାରୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ଏହି ଘଟଣାରେ ଆଉ କେତେଜଣଙ୍କ ନାମ ସାମ୍ନାକୁ ଆସିବ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଏଲ୍‌ଟି ଲାଇନ୍
ମାତ୍ର ୭ ଫୁଟ ଉଚ୍ଚରେ ଝୁଲୁଛି ତାର, ବିପଦରେ ଚାନ୍ଦପୁର ଗ୍ରାମବାସୀ

ପରଜଙ୍ଗ : (ମହାଭାରତ)ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ବିଦ୍ୟୁତ୍ ବିଭାଗର ଅବହେଳାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟର ବାତାବରଣ ଦେଖାଦେଇଛି। ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଏଲ୍ ?ଟି (ଖଞ୍ଚ) ଲାଇନ୍ ବନ୍ଧା ହୋଇଥିବା ବେଳେ ଭୂମିଠାରୁ ମାତ୍ର ୭ ଫୁଟ ଉଚ୍ଚତାରେ ବିଦ୍ୟୁତ୍ ତାର ଝୁଲି ରହିଛି। ଯାହା ଯେକୌଣସି ସମୟରେ ବଡ଼ଧରଣର ଅଘଟଣର କାରଣ ହୋଇପାରେ।ସୂଚନା ଅନୁଯାୟୀ, ବସୋଇ-କୁସୁମାନାଳୀଠାରୁ ବାରିହାପୁର ଦେଇ କନ୍ତୋର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି ।ଏନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ ଏଯାଏଁ କୌଣସି ସ୍ଥାୟୀ ସମାଧାନ ହୋଇନ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



କୋର୍ଟଙ୍କ ବଡ଼ ରାୟ

ଘର ଭାଗ କରିବାକୁ ବାଧ ନୁହଁ ବାପା ମା'



ନୂଆଦିଲ୍ଲୀ,୨୪।୧୧: ଜଣେ ବରିଷ୍ଠ ନାଗରିକଙ୍କୁ କେବେ ହେଲେ ବି ନିଜ ଘରକୁ ନିଜର ପିଲମାନଙ୍କ ସହ ଭାଗ କରିବାକୁ ବାଧ କରାଯାଇ ପାରିବ ନାହିଁ। ବରିଷ୍ଠ ନାଗରିକ ନିଜ ଇଚ୍ଛାରେ ସବୁ କିଛି କରିବେ। ତାଙ୍କ ଉପରେ କୌଣସି ପ୍ରକାରର ବଳ ପକାଇ ପିଲାମାନଙ୍କ ସହ ଘର ଭାଗ କରିବାକୁ କୁହାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହି ସମୟରେ ଜଣେ ୮୫ ବର୍ଷୀୟ ବ୍ୟକ୍ତିଙ୍କ ପୁଅ ଓ ବୋହୂଙ୍କୁ କୋର୍ଟ ସମାଲୋଚନା କରିଛନ୍ତି। ପୁଅ-ବୋହୂଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ବାପାଙ୍କ ଘର ଖାଲିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୮୫ ବର୍ଷୀୟ ବ୍ୟକ୍ତି ଜଣଙ୍କ ଶାନ୍ତିପୂର୍ଣ୍ଣ ଓ ସମ୍ମାନର ସହ ନିଜ ଘରେ ରହିବାର ଅଧିକାରୀ ବୋଲି ମଧ୍ୟ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବରିଷ୍ଠ ନାଗରିକ ଜଣଙ୍କ ମେଣ୍ଟନାନ୍ସ ଓ ଓ୍ୱେଲଫେୟାର ଅଫ ପ୍ୟାରେଣ୍ଟସ ଓ ସିନିୟର ସିଟିଜେନ୍ସ ଆଇନ, ୨୦୦୭ ବଳରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ନିଜର ବଡ଼ ପୁଅ-ବୋହୂଙ୍କୁ ଘରୁ ବାହାର କରିବେ ଓ ରକ୍ଷାଣବେକ୍ଷଣ ପାଇଁ ଏପରି ଆବେଦନ କରିଥିଲେ। ପୁଅ ବୋହୂ ତାଙ୍କୁ ହଇରାଣ ଓ ଦୁର୍ବ୍ୟବହାର କରୁଥିବା କହିଥିଲେ।

କିନ୍ତୁ ଜିଲ୍ଲା ମାଜିଷ୍ଟ୍ରେଟ ଖରାପ ବ୍ୟବହାର ଓ ନିର୍ଯାତନା ନେଇ କୌଣସି ପ୍ରମାଣ ମିଳି ନଥିବା କଥା କହି ଅଭିଯୋଗକୁ ବନ୍ଦ କରିଦେଇଥିଲେ। ପୁଅମାନଙ୍କ ମଧ୍ୟରେ ଥିବା ବ୍ୟବସାୟିକ ବିବାଦକୁ ସମାଧାନ କରିବା ପାଇଁ ବରିଷ୍ଠ ନାଗରିକ ଜଣଙ୍କ ଆଇନର ଅପବ୍ୟବହାର କରୁଥିବା ମଧ୍ୟ ମାଜିଷ୍ଟ୍ରେଟ କହିବାକୁ ପଛାଇ ନଥିଲେ। ଏହା ବିରୋଧରେ ବରିଷ୍ଠ ନାଗରିକ ଜଣଙ୍କ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନଭେମ୍ବର ୨୦ରେ ଜଷ୍ଟିସ ଅମିତ ମହାଜନ ଜାରି କରିଥିବା ନିର୍ଦ୍ଦେଶରେ କହିଛନ୍ତି ଯେ "ଜଣେ ବରିଷ୍ଠ ନାଗରିକଙ୍କୁ ତାଙ୍କ ଇଚ୍ଛା ବିରୋଧରେ ନିଜ ପିଲାମାନଙ୍କ ସହିତ ନିଜେ ତିଆରି କରିଥିବା ଘରକୁ ଭାଗ କରିବାକୁ ବାଧ କରାଯାଇ ପାରିବ ନାହିଁ। ବିଶେଷ କରି ଯେତେବେଳେ ଦୁଇ ପକ୍ଷ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ରହିଛି ଓ ଆବେଦନକାରୀ ୨୦୨୨ ଠାରୁ ନିଜ ପିଲାଙ୍କ ବିରୋଧରେ ମାମଲା କରି ପୁଲିସ୍ ସହାୟତା ଲୋଡ଼ିଛନ୍ତି ସେତେବେଳେ ଏହାକୁ କଡ଼ା କଡ଼ି ଭାବେ ପାଳନ କରାଯିବା ଦରକାର। ୮୫ ବର୍ଷ ବୟସରେ ଆବେଦନକାରୀ ନିଜ ଘରେ ଶାନ୍ତିପୂର୍ଣ୍ଣ ଓ ସମ୍ମାନର ସହ ରହିବାର ହକଦାର। ଆବେଦନକାରୀଙ୍କ ପୁଅମାନଙ୍କ ମଧ୍ୟରେ ଥିବା ବ୍ୟବସାୟିକ ବିବାଦକୁ ଏ କ୍ଷେତ୍ରରେ ଗୋଟିଏ କାରଣ ଦର୍ଶାଇବା ଓ ବରିଷ୍ଠ ନାଗରିକଙ୍କୁ ନିଜ ହକରୁ ବଞ୍ଚିତ କରିବା ସଂପୂର୍ଣ୍ଣ ଅନୁଚିତ।" ଏହାପରେ କୋର୍ଟ ଆବେଦନକାରୀଙ୍କ ପୁଅ ଓ ବୋହୂଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଷ୍ଟେସନ ହାଉସ ଅଫିସରଙ୍କୁ ଏହା ନିଶ୍ଚିତ କରିବାକୁ କହିଛନ୍ତି। ଆବେଦନକାରୀଙ୍କ କହିବା କଥା ଯେ ୨୦୦୮ରେ ତାଙ୍କ ସାନ ପୁଅଙ୍କ ବାହାଘର ହୋଇଥିଲା। ଏହାପରେ ସେ ନିଜର ବଡ଼ ପୁଅ ଓ ବୋହୂଙ୍କୁ ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ କହିଥିଲେ। ହେଲେ ସେମାନେ ଘର ଛାଡ଼ିବାକୁ ମନା କରି ଦେଇଥିଲେ ଓ ତାଙ୍କ ପ୍ରତି ସେମାନଙ୍କ ବ୍ୟବହାର ଖରାପ ହୋଇ ଯାଇଥିଲେ। ସେମାନେ ବରିଷ୍ଠ ନାଗରିକଙ୍କୁ ଆର୍ଥିକ ସହାୟତା ଦେବା ମଧ୍ୟ ବନ୍ଦ କରି ଦେଇଥିଲେ। ୨୦୨୦ରେ ଆବେଦନକାରୀଙ୍କ ପତ୍ନୀ ପ୍ରାଣ ହରାଇବା ପରେ ନିର୍ଯାତନା ବଢ଼ିଥିଲା ବୋଲି ସେ କହିଥିଲେ।

୬ ବର୍ଷ ପରେ ହାତ ମିଳାଇଲେ ବିଜେପି

ଅକାଳୀ ଦଳ, ହିନ୍ଦୁ ଓ ଶିଖ ଭାଇଚାରାର ପ୍ରତୀକ : ଶାହ



ଚଣ୍ଡୀଗଡ,୨୪।୧୧: ପଞ୍ଜାବ ନିର୍ବାଚନ ପୂର୍ବରୁ ବଦଳିଗଲା ରାଜନୈତିକ ଚିତ୍ର। ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ପୁଣି ହାତ ମିଳାଇଲେ ବିଜେପି ଓ ଶିରୋମଣି ଅକାଳୀ ଦଳ। ଗୁରୁ ନାନକ ଦେବଙ୍କ ଜୟନ୍ତୀ ଅବସରରେ ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରୁ ହେଲା ଏହି ବଡ଼ ଘୋଷଣା। ବିଜେପି ଅଧ୍ୟକ୍ଷ ନିତିନ ନବୀନ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ଅକାଳୀ ଦଳ ମୁଖ୍ୟ ସୁଖବୀର ସିଂହ ବାଦଲଙ୍କ ଉପସ୍ଥିତିରେ ମେଣ୍ଟ ଉପରେ ମୋହର ଲାଗିଛି। ମେଣ୍ଟ ଘୋଷଣା କରି ଅମିତ ଶାହ କହିଛନ୍ତି, ସୁଖବୀର ସିଂହ ବାଦଲଙ୍କୁ ଘଉଇରେ ସ୍ୱାଗତ। ଏହି ମେଣ୍ଟ ହିନ୍ଦୁ-ଶିଖ ଏକତାର ପ୍ରତୀକ। ଆଗାମୀ ନିର୍ବାଚନରେ ଉଭୟ ଦଳ ମିଶି ପଞ୍ଜାବରେ ଲଢ଼ିବେ। ୩୧ ଡିସେମ୍ବର ୨୦୨୯ ସୁଦ୍ଧା ପଞ୍ଜାବକୁ ନିଶାମୁକ୍ତ କରିବା ନେଇ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ କୃଷକଙ୍କ ହିତରେ ମଧ୍ୟ ଅନେକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବିଜେପି ଅଧ୍ୟକ୍ଷ ନିତିନ ନବୀନ ଏହାକୁ ପଞ୍ଜାବ ଓ ଦେଶର ସ୍ୱାର୍ଥରେ ଏକ ବଡ଼ ନିଷ୍ପତ୍ତି ବୋଲି କହିଛନ୍ତି। ମହାରାଜା ରଣଜିତ ସିଂହଙ୍କ ସୁଶାସନର ଆଦର୍ଶକୁ ଆଗକୁ ବଢ଼ାଇବା ସହ ପଞ୍ଜାବରେ ବିକାଶମୁଖୀ ସରକାର ଗଠନ କରିବା ମେଣ୍ଟର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି ମେଣ୍ଟର ସବୁଠାରୁ ବଡ଼ ରାଜନୈତିକ ସଙ୍କେତ ଦେଇଛନ୍ତି ଅମିତ ଶାହ। ତାଙ୍କ କହିବା ଅନୁସାରେ, ପଞ୍ଜାବରେ ଅକାଳୀ ଦଳ ବଡ଼ ଭାଇର ଭୂମିକାରେ ରହିବ। ଉଭୟ ଦଳ ମିଶି ୧୧୭ଟି ବିଧାନସଭା ଆସନରେ ନିର୍ବାଚନ ଲଢ଼ିବେ। ବଡ଼ ଭାଇ ହିଁ ମୁଖ୍ୟମନ୍ତ୍ରୀ ପଦ ପାଇବ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି।ଅକାଳୀ ଦଳ ମୁଖ୍ୟ ସୁଖବୀର ସିଂହ ବାଦଲ କହିଛନ୍ତି, ପଞ୍ଜାବ ଏବେ ନିଶା ମାଫିଆ, ଦୁର୍ନୀତି ଓ ବିଭିନ୍ନ ମାଫିଆଙ୍କ କବଳରେ ରହିଛି। ରାଜ୍ୟର ଯୁବକ, କୃଷକ ଓ ଶ୍ରମିକଙ୍କୁ ବଞ୍ଚାଇବା ଆବଶ୍ୟକ। ପଞ୍ଜାବର ବିକାଶ ପାଇଁ ସେ ନିଜର ସମସ୍ତ ଶକ୍ତି ଲଗାଇବେ ବୋଲି କହିଛନ୍ତି। ମେଣ୍ଟ ଘୋଷଣା ହୋଇଥିଲେ ମଧ୍ୟ ଆସନ ବଣ୍ଟନକୁ ନେଇ ମତଭେଦ ଥିବା ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ବିଜେପି ପ୍ରାୟ ୫୫ଟି ଆସନରେ ଲଢ଼ିବାକୁ ଚାହୁଁଥିବାବେଳେ ଅକାଳୀ ଦଳ ପ୍ରାୟ ୪୫ଟି ଆସନ ଦେବାକୁ ପ୍ରସ୍ତୁତ ଥିବା ଖବର ଆସିଛି। ୧୯୯୬ରେ ଅଟଳ ବିହାରୀ ବାଜପେୟୀ ଓ ପ୍ରକାଶ ସିଂହ ବାଦଲଙ୍କ ସମୟରେ ଏହି ମେଣ୍ଟର ମୂଳଦୁଆ ପଡ଼ିଥିଲା।

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ

କଂଗ୍ରେସକୁ ୨୬ଟି ଆସନ ଦେବ ସମାଜବାଦୀ ପାର୍ଟି



ନୂଆଦିଲ୍ଲୀ,୨୪।୧୧: ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ବା ସପା ମଧ୍ୟରେ ସିଟ୍ ଶେୟାରିଂକୁ ବୃତ୍ତାନ୍ତ କରିବାକୁ ଘନଘନ ବୈଠକ ବସିବାରେ ଲାଗିଛି। ସୋମବାର ପ୍ରଥମ ଥର ଦୁଇ ଦଳ ବୈଠକ କରିଥିଲେ ହେଁ ଏହା ୧୫ ମିନିଟରେ ଶେଷ ହୋଇଯାଇଥିଲା। ଆଜି ପୁଣି ଦୁଇ ଦଳର କିଛି ନେତା ଦିଲ୍ଲୀରେ ବୈଠକ କରିଛନ୍ତି। ହେଲେ ବୈଠକ ପୂର୍ବରୁ ବଡ଼ କଥା କହିଛନ୍ତି ସପାର ସାଂସଦ ରାଜୀବ ରାଏ। ଦଳ ପକ୍ଷରୁ କଂଗ୍ରେସକୁ ରାଜ୍ୟର ୨୬ଟି ଆସନ ଦେବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, "ଆମେ ସିଟ୍ ସଂଖ୍ୟା ସମ୍ପର୍କରେ ଆଲୋଚନା କରିବୁ। ଆମେ ସେମାନଙ୍କୁ ୨୬ଟି ଆସନ ଦେବାକୁ ପ୍ରସ୍ତାବ ଦେଇଛୁ।" ତେବେ କଂଗ୍ରେସ ୪୦୩ ବିଧାନସଭା ଆସନରୁ କେବଳ ୨୬ଟିରେ ପ୍ରାର୍ଥୀ ଦେବା ପ୍ରସ୍ତାବରେ ରାଜି ଅଛି କି ନାହିଁ, ସେକଥା ରାଜୀବ ସ୍ପଷ୍ଟ କରିନାହାନ୍ତି। ସିଟ୍ ଶେୟାରିଂ ଆଲୋଚନା ପୂର୍ବରୁ କଂଗ୍ରେସ ୧୮୧ ଆସନ ଆଣିବା ସପକ୍ଷରେ ଥିଲା। କିନ୍ତୁ ସପା ଏଥିରେ ରାଜି ହେବ ନାହିଁ ଜାଣି କଂଗ୍ରେସ ପରବର୍ତ୍ତୀ ଅବସ୍ଥାରେ ୧୦୦ରୁ ୧୨୦କୁ ଖସିଛି। ହେଲେ ସପା ମାତ୍ର ୨୬ଟି ଆସନରେ ସୀମିତ ଥିବାରୁ ଏବେ ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ତଥାପି କଂଗ୍ରେସ ଓ ସପା ମଧ୍ୟରେ ସିଟ୍ ଶେୟାରିଂ ଫର୍ମୁଲାକୁ ଚୂଡ଼ାନ୍ତ କରିବା ପାଇଁ ଆଲୋଚନା ଚାଲିଛି। କଂଗ୍ରେସ ଅତି କମରେ ୬୦ଟି ଏ-ଗ୍ରେଡ ଆସନ ଚାହୁଁଛି। ଗ୍ରେଡ ଏ ଆସନ ଅର୍ଥାତ ପ୍ରମୁଖ ଆସନରେ କଂଗ୍ରେସ ପ୍ରାର୍ଥୀ ଦେବାକୁ ଲକ୍ଷ୍ୟ ରଖିଛି। ତେବେ କଂଗ୍ରେସ ଏହି ଆସନରେ ଜିତିବା ପାଇଁ କେମିତି ଯୋଜନା କରିଛି ଓ କେଉଁ ରଣନୀତି ବଳରେ ଏସବୁ ଆସନ ଚାହୁଁଛି, ତା'ର ଜବାବ ରଖିବାକୁ ସହଯୋଗୀ ସମାଜବାଦୀ ପାର୍ଟି କହିଛି।

୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସ ଯେଉଁ ସବୁ ସ୍ଥାନରେ ଅଗ୍ରଣୀ ହାସଲ କରିଥିଲା କିମ୍ବା ବହୁତ କମ ବ୍ୟବଧାନରେ ପଛରେ ପଡ଼ିଥିଲା, ସେସବୁ ସ୍ଥାନରେ ପ୍ରାର୍ଥୀ ଦେବାକୁ ଚାହୁଁଛି। ସପା ମଧ୍ୟ ନିଜର ଶକ୍ତିଶାଳୀ ଆସନଗୁଡ଼ିକ ଛାଡ଼ିବା ସପକ୍ଷରେ ନାହିଁ। ୨୦୧୭ ବିଧାନସଭା ନିର୍ବାଚନ ବେଳେ ସପା ପକ୍ଷରୁ କଂଗ୍ରେସକୁ ୧୦୫ଟି ଆସନ ଦିଆଯାଇଥିଲା। ତେଣୁ ଏଥର କଂଗ୍ରେସ ୧୦୦ଟି ଆସନ ପାଇଁ ଲବି ଚଳାଇଛି। ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସ ୧୭ଟି ଆସନ ପାଇଥିଲା।

ଡିସେମ୍ବର ୧୬ରେ ବାଂଲାଦେଶ ଫେରିବେ ହସିନା



ନୂଆଦିଲ୍ଲୀ,୨୪।୧୧: ଦୀର୍ଘ ୨ ବର୍ଷ ହେଲା ଭାରତରେ ଆତ୍ମଗୋପନ କରିଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ୱଦେଶ ଫେରିବେ। ଡିସେମ୍ବର ୧୬ରେ ସେ ବାଂଲାଦେଶ ଫେରିବେ ବୋଲି ଆଜି ଘୋଷଣା କରିଛନ୍ତି। ବାଂଲାଦେଶରେ ଏବେ ହସିନାଙ୍କୁ ନେଇ ରାଜନୀତିକ ଓ ଆଇନଗତ ବିବାଦ ଲାଗି ରହିଥିବା ବେଳେ ପ୍ରଥମ ଥର ପାଇଁ ସେ ସ୍ୱଦେଶ ଫେରିବାର ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସାର୍ବଜନୀନ କରିଛନ୍ତି। ଡିସେମ୍ବର ୧୬ ହେଉଛି ବାଂଲାଦେଶର ବିଜୟ ଦିବସ। ୧୯୭୧ ମସିହା ଡିସେମ୍ବର ୧୬ରେ ପାକିସ୍ତାନ ଠାରୁ ଅଲଗା ହୋଇ ବାଂଲାଦେଶ ଗଠନ ହୋଇଥିଲା। ଖାସ ସେଥିପାଇଁ ୨ ବର୍ଷ ହେଲା ଭାରତରେ ଆତ୍ମଗୋପନ କରିଥିବା ହସିନା ଡିସେମ୍ବର ୧୬ରେ ହିଁ ବାଂଲାଦେଶ ଫେରିବାକୁ ଯୋଜନା କରିଛନ୍ତି। ହସିନାଙ୍କ ମୁଖପାତ୍ର ସୟିଦ ମୋଜାମେଲ ଅଲୀ ତାଙ୍କର ବାଂଲାଦେଶ ଫେରିବା ଖବରକୁ ନିଶ୍ଚିତ କରିଛନ୍ତି। ହସିନା ଦୀର୍ଘ ୧୫ ବର୍ଷ ହେଲା ବାଂଲାଦେଶର ପ୍ରଧାନମନ୍ତ୍ରୀ ରହିଥିଲେ। କିନ୍ତୁ ୨୦୨୪ ମସିହା ଅଗଷ୍ଟ ମାସରେ ଛାତ୍ର ଆନ୍ଦୋଳନ ଯୋଗୁ ତାଙ୍କୁ ବାଧ ହୋଇ ନିଜ ଦେଶରୁ ପଳାୟନ କରିବାକୁ ପଡ଼ିଥିଲା। ଆନ୍ଦୋଳନ ଭୟରେ ବାଂଲାଦେଶ ଛାଡ଼ିଥିବା ହସିନା ସେବେଠାରୁ ଭାରତରେ ରହିଛନ୍ତି। ସେ ଗୋଟିଏ ଥର ସାମ୍ବାଦିକ ସମ୍ମିଳନୀ କରିଥିଲେ ହେଁ କେବେ ବି କ୍ୟାମେରା ସାମ୍ନାକୁ ଆସି ନାହାନ୍ତି। ଏବେ ସେ ଡିସେମ୍ବର ୧୬ରେ ସ୍ୱଦେଶ ଫେରିବାକୁ ଚାହୁଁଥିବା ବେଳେ ନିଜ ଦେଶର ସରକାରଙ୍କୁ ବିମାନ ବାଂଲାଦେଶ ଏୟାରଲାଇନ୍ସ ନୂଆଦିଲ୍ଲୀକୁ ପଠାଇବାକୁ ପରାମର୍ଶ ଦେଇଛନ୍ତି। ହସିନାଙ୍କ ମୁଖପାତ୍ର କହିଛନ୍ତି ଯେ " ୨୦୨୪ ଅଗଷ୍ଟ ମାସରେ ବାଂଲାଦେଶ ଏୟାରକ୍ରାଫ୍ଟରେ ଯେହେତୁ ହସିନା ଭାରତ ଆସିଥିଲେ ତେଣୁ ଏବେ ସେ ଦିଲ୍ଲୀରୁ ଢାକା ଫେରିବାକୁ ଚାହୁଁଥିବାରୁ ସରକାର ଏନେଇ ବିମାନର ବ୍ୟବସ୍ଥା କରନ୍ତୁ। ସମ୍ବିଧାନ ବିରୋଧୀ ପରିସ୍ଥିତି ମଧ୍ୟରେ ହସିନାକୁ ନିର୍ବାସିତ ହେବାକୁ ପଡ଼ିଥିଲା। ଏବେ ସରକାର ଡିସେମ୍ବର ୧୬ରେ ତାଙ୍କର ବାଂଲାଦେଶ ପ୍ରତ୍ୟାବର୍ତ୍ତନକୁ ନିଶ୍ଚିତ କରନ୍ତୁ।" କିଛି ସପ୍ତାହ ତଳେ ହସିନା ନିଜ ପାଇଁ ନୂଆ ବାଂଲାଦେଶୀ ପାସପୋର୍ଟ ଓ ଜାତୀୟ ପରିଚୟପତ୍ର ଦାବି କରିଥିଲେ। ୨୦୨୪ ଅଗଷ୍ଟ ମାସରେ ସେ ବାଂଲାଦେଶରୁ ପଳାୟନ କରିଥିବାରୁ ତାଙ୍କ ପାଖରେ ଥିବା ସମସ୍ତ ଦସ୍ତାବିଜ ରଦ୍ଦ ହୋଇଯାଇଥିଲା। ତେଣୁ ବାଂଲାଦେଶ ଫେରିବା ପାଇଁ ହସିନା ନୂଆ ପାସପୋର୍ଟ ଓ ଜାତୀୟ ପରିଚୟପତ୍ର ମାଗିଥିଲେ।

ନେପାଳରେ ୫.୬ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ

କାଠମାଣ୍ଡୁ,୨୪।୧୧: ନେପାଳରେ ଶକ୍ତିଶାଳୀ ଭୂମିକମ୍ପ । ମଙ୍ଗଳବାର ସକାଳେ ନେପାଳର ପୂର୍ବାଞ୍ଚଳରେ ୫.୬ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଏହାର ଝଟକା ଭାରତର ସିକିମ୍ ଏବଂ ଉତ୍ତର ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ମଧ୍ୟ ଅନୁଭୂତ ହୋଇଛି । ତେବେ ଭୂମିକମ୍ପ ଯୋଗୁଁ ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ବଡ଼ଧରଣର କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ । ନେପାଳର ଜାତୀୟ ଭୂମିକମ୍ପ ନିରୀକ୍ଷଣ ଓ ଗବେଷଣା କେନ୍ଦ୍ରର ସୂଚନା ଅନୁସାରେ, ମଙ୍ଗଳବାର ସକାଳ ୭ଟା ୧୭ ମିନିଟ୍‌ରେ ଏହି ଭୂମିକମ୍ପ ହୋଇଥିଲା । ଏହାର ତୀବ୍ରତା ୫.୬ ରେକର୍ଡ କରାଯାଇଛି । ନେପାଳର କୋଶୀ ପ୍ରଦେଶର ତାପ୍ଲେଜୁଙ୍ଗ ଜିଲ୍ଲା ଅନ୍ତର୍ଗତ ଓଲାଙ୍ଗଚୁଙ୍ଗ ଗୋଲା ଏହାର କେନ୍ଦ୍ରସ୍ଥଳ ଥିଲା । ଏହି ସ୍ଥାନଟି ଚୀନ୍ ସୀମା ନିକଟରେ ଅବସ୍ଥିତ ଏବଂ ରାଜଧାନୀ କାଠମାଣ୍ଡୁଠାରୁ ପ୍ରାୟ ୨୭୫ କିଲୋମିଟର ପୂର୍ବରେ ରହିଛି । ଅନ୍ୟପଟେ, ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର (ଇଏମ୍ସିଓ) ଏହି ଭୂମିକମ୍ପର ତୀବ୍ରତା ୫.୩ ବୋଲି ରେକର୍ଡ କରିଛି । ଏହାର ଉପତ୍ତିସ୍ଥଳ ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରରେ ଥିବା ଜଣାପଡ଼ିଛି ।

କନ୍ନୌଜରେ ସ୍କୁଲ ବସକୁ ପିଟିଲା ଟ୍ରକ; ୪ ଛାତ୍ରଙ୍କ ମୃତ୍ୟୁ, ୨୦ ଆହତ

ଲକ୍ଷ୍ନୌ,୨୪।୧୧: ଉତ୍ତରପ୍ରଦେଶର କନ୍ନୌଜରେ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତାକଡ଼ରେ ଅଟକି ରହିଥିବା ସ୍କୁଲ ପିଲାଙ୍କ ବସକୁ ଏକ ଟ୍ରକ୍ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ ୪ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ଭୟଙ୍କର ଧକ୍କାରେ ସ୍କୁଲ ବସ୍ଟି ନଷ୍ଟ ହୋଇଥିଲା । ଆହତ ପିଲାମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେର ୨୧୦ ମାଇଲଷ୍ଟୋନ ନିକଟରେ ଏହି ଦୁର୍ଘଟଣା ଘଟିଛି । ଏହି ବସଟି କୌଶାମ୍ବୀର ଏକ ଘରୋଇ ସ୍କୁଲର ଥିଲା । ବସରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଏବଂ ୬ ଜଣ ଶିକ୍ଷକ ଥିଲେ । ସମସ୍ତେ ମଥୁରାରୁ ଟୁର୍ ସାରି କୌଶାମ୍ବୀ ଫେରୁଥିଲେ। ମଙ୍ଗଳବାର ସକାଳେ ବସଟି ଏକ୍ସପ୍ରେସୱେରେ ପହଞ୍ଚିବା ପରେ ଚାଳକ ଶୌଚ ହେବା ପାଇଁ ରାସ୍ତାକଡ଼ରେ ବସଟିକୁ ଅଟକାଇଥିଲେ । ଏହି ସମୟରେ ଆଗ୍ରା ପଟୁ ଦ୍ରୁତଗତିରେ ଆସୁଥିବା ଆଲୁ ବୋଝେଇ ଟ୍ରକ୍ ବସକୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବସ୍ ଭିତରେ ଥିବା ପିଲାମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଅନେକ ଛାତ୍ରଛାତ୍ରୀ ବସ୍ ଭିତରେ ଫସି ରହିଥିଲେ । ସ୍ଥାନୀୟ ଲୋକ ପୋଲିସକୁ ଏନେଇ ଖବର ଦେଇଥିଲେ । ଖବର ପାଇ ଠଠିଆ ଥାନା ପୋଲିସ ଏବଂ ଅନେକ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ।

ରାତିସାରା ୬୯୯ ୟୁକ୍ରେନୀୟ ଡ୍ରୋନ୍ ଖସାଇଦେଲା ରୁଷ

ମସ୍କୋ,୨୪।୧୧: ମଙ୍ଗଳବାର ରୁଷ ପକ୍ଷରୁ ଏକ ବଡ଼ ସାମରିକ ସଫଳତା ଦାବି କରାଯାଇଛି। ସୋମବାର ରାତିସାରା ରୁଷର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ନିକ୍ଷେପ କରାଯାଇଥିବା ପ୍ରାୟ ୭୦୦ଟି ୟୁକ୍ରେନୀୟ ଡ୍ରୋନକୁ ଆକାଶମାର୍ଗରେ ହିଁ ଖସାଇ ଦିଆଯାଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମସ୍କୋ ଅଞ୍ଚଳ ଏବଂ ରୁଷ ଅଧିକୃତ କ୍ରିମିଆ ଉପଦ୍ୱୀପ ସମେତ ବ୍ୟାପକ ଅଞ୍ଚଳରେ ଏହି ଡ୍ରୋନ୍ ଆକ୍ରମଣ ଉଦ୍ୟମ ହୋଇଥିଲେ ମଧ୍ୟ ବାୟୁ ପ୍ରତିରକ୍ଷା ବାହିନୀ ତାହାକୁ ବିଫଳ କରିଦେଇଥିବା ମସ୍କୋ ପକ୍ଷରୁ କୁହାଯାଇଛି। ଟେଲିଗ୍ରାମରେ ଜାରି ବୟାନ ଅନୁଯାୟୀ, ରୁଷୀୟ ବାୟୁ ପ୍ରତିରକ୍ଷା ବାହିନୀ ରାତିସାରା ଅଭିଯାନ ଚଳାଇ ମୋଟ ୬୯୯ଟି ୟୁକ୍ରେନୀୟ ଡ୍ରୋନକୁ ଅଟକାଇବା ସହ ନଷ୍ଟ କରିଛନ୍ତି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନଙ୍କ ସୂଚନା ମୁତାବକ, ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ୩୫୫ଟି କେବଳ ମସ୍କୋ ଅଞ୍ଚଳକୁ ଲକ୍ଷ୍ୟ କରି ପଠାଯାଇଥିଲା ଏବଂ ରାଜଧାନୀ ନିକଟତର ହେଉଥିବା ବେଳେ ୬୩ଟି ଡ୍ରୋନକୁ ଧ୍ୱଂସ କରିଦିଆଯାଇଛି। ଏତେ ସଂଖ୍ୟକ ଡ୍ରୋନ୍ ଖସାଇ ଦିଆଯାଇଥିବା ବେଳେ ଏହି ଘ

ଭୁବନେଶ୍ୱର, ବୁଧବାର ୨୫ ନଭେମ୍ବର ୨୦୨୬
Bhubaneswar, Wednesnday 25 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ରୋମାଞ୍ଚକ ସ୍ଥିତିରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସ୍ଥିତି

ନୂଆଦିଲ୍ଲୀ, ୨୪।୧୧: ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୨୫-୨୭ର ଫାଇନାଲ ରୋମାଞ୍ଚକର ହୋଇପାରେ। ଏଥି ପାଇଁ ୨୨ଟି ଟେଷ୍ଟ ମ୍ୟାଚ୍ ବାକି ଥିବା ବେଳେ ଫାଇନାଲରେ ଦୁଇଟି ସ୍ଥାନ ପାଇଁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଭାରତ ଫାଇନାଲରେ ସ୍ଥାନ ପାଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ତ୍ତମାନର ପଏଣ୍ଟ ଟେବୁଲକୁ ଦେଖିଲେ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ଏକ ଭଲ ସ୍ଥିତିରେ ଅଛନ୍ତି। ଭାରତର ଫାଇନାଲକୁ ଯିବା ପଥ ବହୁତ କଷ୍ଟକର ହୋଇଯାଇଛି।

ଓ୍ୱେଲିଂଟନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଜିତିବାର ଭାରତ ପାଖରେ ଭଲ ସୁଯୋଗ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡର ବ୍ୟାଟସମ୍ୟାନମାନେ ଶେଷ ଦିନରେ ଏକ ସାହସିକ ଲଢେଇ କରିଥିଲେ, ଯାହା ଫଳରେ ମ୍ୟାଚ 'ଡ୍ର'ରେ ଶେଷ ହୋଇଥିଲା। ଏହି ଫଳାଫଳ ଫଳରେ ଭାରତୀୟ ଦଳ ବିଜୟ ପାଇଁ ପାଇଥିବା ୧୨ ପଏଣ୍ଟ ବଦଳରେ କେବଳ ଚାରି ପଏଣ୍ଟ ପାଇଥିଲା। ଫଳସ୍ୱରୂପ ଭାରତର ପଏଣ୍ଟ ପ୍ରତିଶତ ୫୦ ପ୍ରତିଶତକୁ ହ୍ରାସ ପାଇଛି ଏବଂ ଦଳ ଏବେ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ରହିଛି।

ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ୭୫ ପ୍ରତିଶତ ପଏଣ୍ଟ ସହିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ଶୀର୍ଷରେ ଅଛି। ଦଳ ଏପର୍ଯ୍ୟନ୍ତ ଆଠଟି ଟେଷ୍ଟ ମ୍ୟାଚ୍ ଖେଳିଛି, ଯେଉଁଥିରେ ଛଅଟି ଜିତିଛି ଏବଂ ଦୁଇଟି ହାରିଛି। ସେମାନଙ୍କର ଏବେ ବି ଛଅଟି ଟେଷ୍ଟ ମ୍ୟାଚ୍ ବାକି ଅଛି। ଦକ୍ଷିଣ ଆଫ୍ରିକାର ଫାଇନାଲରେ ପ୍ରବେଶ କରିବାର ସର୍ବୋତ୍ତମ ସମ୍ଭାବନା ଅଛି। ଯଦି ସେମାନେ ସେମାନଙ୍କର ବାକି ଛଅଟି ଟେଷ୍ଟରୁ ଚାରୋଟି ଜିତିବାରେ ସଫଳ ହୁଅନ୍ତି, ତେବେ ସେମାନଙ୍କର ପଏଣ୍ଟ ପ୍ରତିଶତ ୭୧.୪୩କୁ ବୃଦ୍ଧି ପାଇବ। ଯଦି ଦକ୍ଷିଣ ଆଫ୍ରିକା ତିନୋଟି ଜିତିଥାଏ ଏବଂ ବାକି ଛଅଟି ମ୍ୟାଚ୍ ମଧ୍ୟରୁ ତିନୋଟି ହାରିଥାଏ, ତେବେ ସେମାନଙ୍କର ପଏଣ୍ଟ ପ୍ରତିଶତ ୬୪.୨୮ ହେବ। ତିନୋଟି ବିଜୟ ଏବଂ ଗୋଟିଏ ଡ୍ର ସହିତ, ସେମାନଙ୍କର ପ୍ରତିଶତ ୬୬.୬୭କୁ



ବୃଦ୍ଧି ପାଇବ। ଦକ୍ଷିଣ ଆଫ୍ରିକା ପରବର୍ତ୍ତୀ ସମୟରେ ବାଂଲାଦେଶ, ଇଂଲଣ୍ଡ ଏବଂ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବ।

ଅଷ୍ଟ୍ରେଲିଆ ୬୯.୨୩ ପଏଣ୍ଟ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନରେ ଅଛି। ଦଳ ଏପର୍ଯ୍ୟନ୍ତ ୧୩ଟି ଟେଷ୍ଟ ଖେଳିଛି। ଏଥିରୁ ନଅଟି ଜିତି ଥିବା ବେଳେ ୪ଟି ହାରିଛି। ସେମାନଙ୍କର ଏବେ ବି ନଅଟି ଟେଷ୍ଟ ମ୍ୟାଚ୍ ବାକି ଅଛି। ଅଷ୍ଟ୍ରେଲିଆକୁ ପ୍ରଥମେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଚାରିଟିକିଆ ଟେଷ୍ଟ ସିରିଜ ଖେଳିବାକୁ ପଡିବ। ଦଳ ତା'ପରେ ଭାରତ ଗସ୍ତରେ ପାଞ୍ଚଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଦୁଇଟି ସିରିଜ ଅଷ୍ଟ୍ରେଲିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ସେମାନେ ସିଧାସଳଖ ଫାଇନାଲ ପାଇଁ ଦୌଡ଼ରେ ଥିବା ଅନ୍ୟ ଦୁଇଟି ଦଳ ବିରୁଦ୍ଧରେ ପଏଣ୍ଟ ହାସଲ କରିବାର ସୁଯୋଗ ପ୍ରଦାନ କରିବେ। ଯଦି ଅଷ୍ଟ୍ରେଲିଆ ତାର ବାକି ନଅଟି ଟେଷ୍ଟରୁ ପାଞ୍ଚଟି ଜିତିଯାଏ, ତେବେ ଏହାର ପଏଣ୍ଟ ପ୍ରତିଶତ ୬୩.୬୪କୁ ବୃଦ୍ଧି ପାଇବ। ଛଅଟି ବିଜୟ ଏହାକୁ ୬୮.୧୮ ପ୍ରତିଶତକୁ ନେଇପାରେ। ନ୍ୟୁଜିଲ୍ୟାଣ୍ଡ ୬୬.୬୭ ପ୍ରତିଶତ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛି। ଏହା ଏପର୍ଯ୍ୟନ୍ତ ସାତଟି ଟେଷ୍ଟ ମ୍ୟାଚ୍ ଖେଳିଛି। ଚାରିଟି ଜିତି ଥିବା ବେଳେ ଗୋଟିଏ ହାରିଛି ଏବଂ ଦୁଇଟି ଡ୍ର କରିଛି। ଦଳ ଏବେ ବି ନଅଟି ଟେଷ୍ଟ ମ୍ୟାଚ୍ ବାକି ଅଛି। ଓ୍ୱେଲିଂଟନରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଡ୍ର କରିବା ନ୍ୟୁଜିଲ୍ୟାଣ୍ଡକୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ଅର୍ଜନ କରିଛି। ଯଦିଓ ଦଳ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲ କରିବାର ସୁଯୋଗ ହରାଇଥିଲା। ଡ୍ର ନିଶ୍ଚିତ କରିଥିଲା ଯେ ସେମାନେ ପଏଣ୍ଟ ଟେବୁଲରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ସ୍କୋର ହାସଲ କରିବାକୁ ହେଲେ ଦଳକୁ ଅତି କମରେ ୬୦ ପଏଣ୍ଟ ହାସଲ କରିବାକୁ ପଡିବ। ଏଥିପାଇଁ ପାଞ୍ଚଟି ବିଜୟ କିମ୍ବା ଚାରୋଟି ବିଜୟ ଏବଂ ତିନୋଟି ଡ୍ର ଆବଶ୍ୟକ। ଯଦି ନ୍ୟୁଜିଲ୍ୟାଣ୍ଡ ଛଅଟି ଜିତିଥାଏ ଏବଂ ବାକି ନଅଟି ମ୍ୟାଚ୍ ମଧ୍ୟରୁ ତିନୋଟିରେ ହାରିଯାଏ, ତେବେ ଏହାର ପଏଣ୍ଟ ପ୍ରତିଶତ ୬୬.୬୭ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍‌ର ପଥ ଭାରତୀୟ ଦଳ ପାଇଁ ସବୁଠାରୁ କଷ୍ଟକର ହୋଇପଡୁଛି। ଦଳ ୫୦% ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛି। ଭାରତ ଏପର୍ଯ୍ୟନ୍ତ ୧୨ଟି ଟେଷ୍ଟ୍ ମ୍ୟାଚ୍ ଖେଳିଛି। ପାଞ୍ଚଟି ଜିତିଛି। ଚାରିଟି ହାରିଛି ଏବଂ ତିନୋଟି ଡ୍ର କରିଛି। ଓ୍ୱେଲିଂଟନ୍ ଟେଷ୍ଟ୍ ଡ୍ର ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଝଟକା ଦେଇଥିଲା। ଏକ ବିଜୟ ଦଳକୁ ୧୨ ପଏଣ୍ଟ୍ ମିଳିଥାନ୍ତା, କିନ୍ତୁ ଡ୍ର ହେବା ଫଳରେ କେବଳ ଚାରିଟି ହୋଇଥିଲା। ଭାରତ କ୍ରାଇଷ୍ଟଚର୍ଚ୍ଚରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଗୋଟିଏ ଟେଷ୍ଟ୍ ମ୍ୟାଚ୍ ଖେଳିବ। ଏହା ପରେ, ଦଳ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚଟି ଟେଷ୍ଟ୍ ସିରିଜ୍ ଖେଳିବ। ଭାରତର ଅସୁବିଧା କେବଳ ନିଜ ମ୍ୟାଚ୍ ଜିତିବା ପର୍ଯ୍ୟନ୍ତ ସୀମିତ ନୁହେଁ। ଦଳକୁ ଅନ୍ୟ ଦାବିଦାରଙ୍କ ଫଳାଫଳ ପାଇଁ ମଧ୍ୟ ଅପେକ୍ଷା କରିବାକୁ ପଡିବ। ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାରିଟିକିଆ ଟେଷ୍ଟ ସିରିଜ୍ ଭାରତର ଭାଗ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଯାଞ୍ଚ ହେବ ବ୍ୟାଟ୍

ନୂଆଦିଲ୍ଲୀ, ୨୪।୧୧: କ୍ରିକେଟ୍ ବ୍ୟାଟ୍ ନେଇ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବଡ଼ ପ୍ରସ୍ତୁତି କରୁଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ବିସିସିଆଇ ପକ୍ଷରୁ ନିଆଯାଇ ଥିବା ନୂତନ ନିୟମ ଭଳି ଆଇସିସି ମଧ୍ୟ ଏଭଳି ବ୍ୟବସ୍ଥା କରିବାକୁ ଚିନ୍ତା କରୁଛି। ଏହି ନିୟମ ଅନୁଯାୟୀ ଜଣେ ବ୍ୟାଟ୍‌ସମ୍ୟାନ୍‌ଙ୍କୁ କ୍ରିଜ୍‌ରେ ପାଦ ଦେବା ପୂର୍ବରୁ ତାଙ୍କର ବ୍ୟାଟ୍ ଯାଞ୍ଚ କରିବାକୁ ପଡିବ। ଅମ୍ପାୟାରମାନଙ୍କ ଦ୍ୱାରା କାର୍ଯ୍ୟକୁ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମଧ୍ୟ ଲାଗୁ ହୋଇପାରେ।

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏହି ବିଷୟ ଉପରେ ବିଚାର କରୁଛି। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଅଧ୍ୟକ୍ଷତାରେ ଗଠିତ ଆଇସିସି କ୍ରିକେଟ୍ କମିଟି ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟିଠାରୁ ଏହି ନିୟମ ପାଇଁ ସବୁଜ ସଙ୍କତ ପାଇଛି। ବାଲିରେ ଏକ ସମ୍ପ୍ରତି ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ଆଇପିଏଲରେ ଅମ୍ପାୟାରଙ୍କ ପାଖରେ ଏକ ସ୍ଲଟ୍ ଥାଏ। ଯଦି ଜଣେ ବ୍ୟାଟ୍‌ସମ୍ୟାନ୍‌ଙ୍କ ବ୍ୟାଟ୍ ଏହି ସ୍ଲଟ୍ ଦେଇ ଯାଏ, ତେବେ ସେମାନେ ଏହାକୁ ବ୍ୟବହାର କରିପାରିବେ। ସେମାନଙ୍କୁ ଏହାକୁ ବଦଳାଇବାକୁ ପଡିବ। ଯେପର୍ଯ୍ୟନ୍ତ ବ୍ୟାଟ୍ ଏହି ସ୍ଲଟ୍ ଦେଇ ଯାଏ, ସେପର୍ଯ୍ୟନ୍ତ ବ୍ୟାଟ୍ ବ୍ୟବହାର କରାଯାଇପାରିବ ନାହିଁ। ଏହା ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ମଧ୍ୟ ଘଟେ। କିନ୍ତୁ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଖରେ ପ୍ରାୟତଃ ଏକାଧିକ ବ୍ୟାଟ୍ ଥାଏ। ତେଣୁ ଅମ୍ପାୟାର ଜଣେ ବ୍ୟାଟ୍‌ସମ୍ୟାନ୍‌ଙ୍କୁ କ୍ରିଜ୍‌କୁ ପାଦ ଦେବା ପୂର୍ବରୁ ଏବଂ ତାଙ୍କ ବ୍ୟାଟ୍ ଯାଞ୍ଚ କରିବା ପୂର୍ବରୁ ତାଙ୍କୁ ଅଟକାଇ ଦିଅନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ମଧ୍ୟ ସମାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି, ଯେଉଁଠାରେ ବ୍ୟାଟ୍‌ସମ୍ୟାନ୍‌ଙ୍କ ବ୍ୟାଟ୍ ଅନିୟମିତ ଭାବରେ ଯାଞ୍ଚ କରାଯିବ। ଅମ୍ପାୟାରମାନେ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ଏକ ଖାଲ ଦେଇ ସେମାନଙ୍କ ବ୍ୟାଟ୍ ଦେବାକୁ କହିବେ। ପଡ଼ିଆରେ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ଅମ୍ପାୟାର୍‌ମାନଙ୍କୁ ଏହା ବୁଝାଇ ଦିଆଯିବ।

କ୍ରିକେଟ୍ ପରିଚାଳନା ସଂସ୍ଥା ଏମ୍‌ସିସିର ନିୟମ ଅନୁଯାୟୀ ବ୍ୟାଟ୍‌ଟି ୧.୫୬ ଇଞ୍ଚ ମୋଟା, ୨.୬୪ ଇଞ୍ଚ ଗଭୀର ଏବଂ ୪.୨୫ ଇଞ୍ଚ ଚଉଡା ହେବା ଉଚିତ। ସମ୍ପ୍ରତି ଛକା ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ବ୍ୟାଟ୍‌ର ଆକାର ଉପରେ ପ୍ରଶ୍ନ ଉଠିଛି। ଏହି ନିୟମ ପ୍ରଚଳନ କରିବାର ନିଷ୍ପତ୍ତି ନେବାର ଏହା ହିଁ କାରଣ ହୋଇପାରେ।

ଇଣ୍ଡିଆନ ଫୁଟବଲ ଲିଗ୍ : ବେଙ୍ଗାଲୁରୁ-ସମଲେଶ୍ୱରୀ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ

ରାଉରକେଲା : ଘରୋଇ ପଡ଼ିଆ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଲଗାତାର ତିନିଟି ପରାଜୟ ପରେ ଆଜି (ମଙ୍ଗଳବାର) ମ୍ୟାଚ୍‌ରେ ସମଲେଶ୍ୱରୀ ସ୍ପର୍ଟିଂ କ୍ଲବ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ଇଣ୍ଡିଆନ୍ ଫୁଟବଲ୍ ଲିଗ୍ (ଆଇଏଫ୍‌ଏଲ୍)ରେ



ମଙ୍ଗଳବାର ସମଲେଶ୍ୱରୀ ସ୍ପର୍ଟିଂ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବେସ୍ ରୋମାଞ୍ଚକର ହୋଇଥିଲା। ଏହି ମୁକାବିଲାରେ ୨-୨ ଗୋଲରେ ଅମୀମାଂସିତ ରହିଛି। ଏହାସହ ପ୍ରତିଯୋଗିତାରେ ସମଲେଶ୍ୱରୀ ୧ ପଏଣ୍ଟ୍ ସହ ଖାତା ଖୋଲିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଖେଳର ୧୭ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ରିଭବ ସରଦେଶାଇ ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ତେବେ ୩୪ତମ ମିନିଟରେ ସମଲେଶ୍ୱରୀ ଦଳର ସମୀର ମୁର୍ମୁ ଏକ ଚମତ୍କାର ଗୋଲ୍ ଦେଇ ସ୍କୋରକୁ ୧-୧ ଗୋଲ୍‌ରେ ବରାବର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ଜର୍ଜ୍ ରୋଲାନ୍‌ଡୋ ପେରେରା ଡିଆଜ ସମଲେଶ୍ୱରୀ ପାଇଁ ଦ୍ୱିତୀୟ ଗୋଲ୍ (୪୩ ମିନିଟ୍) ଦେଇ ଦଳକୁ ୨-୧ରେ ଆଗୁଆ କରିଥିଲେ। ତେବେ ମ୍ୟାଚ୍‌ର ୮୭ତମ ମିନିଟ୍‌ରେ ବେଙ୍ଗାଲୁରୁ ୟୁନାଇଟେଡ୍ ପକ୍ଷରୁ ଅକ୍ଷୁନ୍ନ ତ୍ୟାଗୀ ଗୋଲ୍ ପରିଶୋଧ କରି ସ୍କୋରକୁ ୨-୨ ଗୋଲ୍‌କୁ ଆଣିଥିଲେ। ଶେଷ ପର୍ଯ୍ୟନ୍ତ ଉଭୟ ଦଳ ବିଜୟ ସୂଚକ ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ। ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ନିଜର ଅସାଧାରଣ ପ୍ରଦର୍ଶନ ପାଇଁ ସମୀର ମୁର୍ମୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ ଇନିଂସ

୨୫୦ ବିଜୟ ଲକ୍ଷ୍ୟ ୧୪.୨ ଓଭରରେ ପୂରଣ କଲା ଭାରତ ଏ

୫୪ ବଲରୁ ୨୦୪ ରନ୍ କଲେ ସୂର୍ଯ୍ୟବଂଶୀ, ୨୮ ବିଶାଳ ଛକା

ନୂଆଦିଲ୍ଲୀ, ୨୩।୧୧: ୟୁଏଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୪୯ ରନ କରିଥିଲା। ଏହାର ଜବାବରେ ଭାରତ ୧୪.୨ ଓଭରରେ ୩ ୱିକେଟ ହରାଇ ୨୫୪ ରନ କରି ନେଇଛି। ଏହି ବିଜୟ ସହ ଭାରତ ଏସିଆ କପ ରାଇଜିଂ ଷ୍ଟାର୍ସ ଏସିଆ କପ ସେମି ଫାଇନାଲରେ ପହଞ୍ଚି ଯାଇଛି।

ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଖେଳିଛନ୍ତି ଅବିଶ୍ୱସନୀୟ ଇନିଂସ। ଆଜି ଏସିଆ କପ ରାଇଜିଂ ଷ୍ଟାର୍ସର ୟୁଏଇ ବିପକ୍ଷ ମ୍ୟାଚ୍‌ରେ ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ଶୋ' ଦେଖିବାକୁ ମିଳିଛି।

ଟାର୍ଗେଟ ୨୫୦ ଥିବା ବେଳେ ସୂର୍ଯ୍ୟବଂଶୀ ଏକା ଖେଳିଛନ୍ତି ୨୦୪ ରନର ଇନିଂସ। ବିଶ୍ୱ କ୍ରିକେଟରେ ନୂଆ ଇତିହାସ ଲେଖି ସେ ଏକାଧିକ କୀର୍ତ୍ତିମାନ ବି ହାସଲ କରିଛନ୍ତି। ମାତ୍ର ୨୮ ବଲରେ ଶତକ ଓ ୫୨ ବଲରେ ଦୁଇ ଶତକ ପୂରଣ କରି ଲିଷ୍ଟ ଏ ଠାରୁ ଆରମ୍ଭ କରି ପ୍ରଫେସନାଲ କ୍ରିକେଟର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ନିଜ ନାଁରେ କରି ପାରିଛନ୍ତି।

ଲିଷ୍ଟ ଏ କ୍ରିକେଟରେ ପୂର୍ବରୁ ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକଡ କାଣ୍ଡେରବୁରୀର ଛାଦ ବୋଓ୍ୱେସଙ୍କ ନାଁରେ ଥିଲା। ସେ ୨୦୨୪ରେ ଓଓଗୋ ବିପକ୍ଷ ଖ୍ରୀଷ୍ଟଚର୍ଚ୍ଚରେ ମାତ୍ର ୧୦୩ ବଲରେ ଦୁଇ ଶତକ ହାସଲ କରିଥିଲେ।ଅନ୍ତର୍ଜାତୀୟ କ୍ରିକେଟ ଦେଖିଲେ, ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡ ହ୍ୟାରୀ ବ୍ରୁକଙ୍କ ନାଁରେ ରହିଛି। ସେ ଦୁଇ ଶତକ ପୂରଣ କରିବାକୁ ୧୧୪ ବଲ ନେଇଥିଲେ। ଏସବୁ ରେକର୍ଡ ଆଜି



କରିଥିଲେ। କିନ୍ତୁ ବୈଭବ ଆଜି ମାତ୍ର ୫୨ ବଲରେ ଦୁଇ ଶତକ ମାରିଛନ୍ତି।

ଏହାପୂର୍ବରୁ ସେ ୨୮ ବଲରେ ଶତକ ହାସଲ କରି ଅଷ୍ଟ୍ରେଲିଆର ଅଷ୍ଟ୍ରେଲିଆର ଜ୍ୟାକ ଫ୍ରେଜର ମ୍ୟାକଗର୍କଙ୍କ ରେକର୍ଡ ଭାଙ୍ଗିଥିଲେ। ଜ୍ୟାକ ଫ୍ରେଜର ୨୦୨୩ରେ ମାତ୍ର ୨୯ଟି ବଲରେ ଦକ୍ଷିଣ ଅଷ୍ଟ୍ରେଲିଆ ପାଇଁ ତସମାନିଆ ଆଡିଲେଡ ବିପକ୍ଷରେ ଶତକ ମାରିଥିଲେ।

ବୈଭବ ଓ ବୋଓ୍ୱେସଙ୍କ ପରେ ଦ୍ରୁତତମ ଦୁଇ ଶତକ ହାସଲ କରିବା ତାଲିକାରେ ଭାରତର ଏନ ଜଗଦୀଶନଙ୍କ ନାଁ ରହିଛି। ସେ ୨୦୨୨ରେ ଅରୁଣାଚଳ ବିପକ୍ଷରେ ତାମିଲନାଡୁ ପାଇଁ ୧୧୪ ବଲରେ ଦୁଇ ଶତକ ହାସଲ କରିଥିଲେ।ଅନ୍ତର୍ଜାତୀୟ କ୍ରିକେଟ ଦେଖିଲେ, ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡ ହ୍ୟାରୀ ବ୍ରୁକଙ୍କ ନାଁରେ ରହିଛି। ସେ ଦୁଇ ଶତକ ପୂରଣ କରିବାକୁ ୧୧୪ ବଲ ନେଇଥିଲେ। ଏସବୁ ରେକର୍ଡ ଆଜି ସୂର୍ଯ୍ୟବଂଶୀ ଭାଙ୍ଗି ଦେଇଛନ୍ତି।

ପ୍ରଫେସନାଲ କ୍ରିକେଟରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ସୂର୍ଯ୍ୟବଂଶୀ(୨୮) ନିଜ ନାଁରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ହାଇଦ୍ରାବାଦର ତନ୍ମୟ ଅଗ୍ରୱାଲଙ୍କ ନାଁରେ ଥିଲା। ସେ ୨୦୨୪ ଅରୁଣାଚଳ ବିପକ୍ଷ ରଣଜୀ ମୁକାବିଲାରେ ୨୬ଟି ଛକା ମାରିଥିଲେ। କେବଳ ଲିଷ୍ଟ ଏ ନୁହେଁ, ପ୍ରଫେସନାଲ କ୍ରିକେଟରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କ ଠାରୁ କମ ବଲରେ ବିଶ୍ୱର କୌଣସି କ୍ରିକେଟର ଶତକ କିମ୍ବା ଦୁଇ ଶତକ ମାରି ନାହାନ୍ତି। ଅନ୍ତର୍ଜାତୀୟ ଦିନିକିଆରେ ଦ୍ରୁତତମ ଶତକ ହାସଲ କରିଥିବା ଖେଳାଳି ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ।

ସେ ୨୦୧୫ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୩୧ଟି ବଲରେ ଶତକ ହାସଲ କରିଥିଲେ। ସେହିପରି ୨୦୨୫ରେ ବିହାରର ସାକିବୁଲ ଗନି ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ୩୨ଟି ବଲରେ ଶତକ ଓ ଇଶାନ କିଶନ ଝାରଖଣ୍ଡ ପାଇଁ ୨୦୨୫ରେ ୩୩ ବଲରେ କୌଣସି ଲିଷ୍ଟ ଏ ମ୍ୟାଚ୍‌ରେ ଶତକ ମାରିଥିଲେ। ବୈଭବ ୨୮ ବଲରେ ଶତକ ଓ ୫୨ ବଲରେ ଦୁଇ ଶତକ ମାରି ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। କେବଳ ଶତକ କିମ୍ବା ଦୁଇ ଶତକ ନୁହେଁ, ୧୫୦ ରନ ପୂରଣ କରିବାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ନୂଆ ରେକର୍ଡ କରିଛନ୍ତି। ଆଜି ୟୁଏଇ ବିପକ୍ଷ ମ୍ୟାଚ୍‌ରେ ବୈଭବ ମାତ୍ର ୪୦ଟି ବଲରେ ନିଜର ୧୫୦ ରନ ପୂରଣ କରିଛନ୍ତି। ପୂର୍ବରୁ ମଧ୍ୟ ଦ୍ରୁତତମ ୧୫୦ ରନ କରିବାର ରେକର୍ଡ ତାଙ୍କରି ନାଁରେ ଥିଲା। ସେ ୨୦୨୫ ଅରୁଣାଚଳ ବିପକ୍ଷରେ ୫୯ ବଲରେ ୧୫୦ ରନ ପୂରଣ କରିଥିଲେ। ସୂର୍ଯ୍ୟବଂଶୀଙ୍କ ପଛକୁ ଡିଭିଲିୟର୍ସଙ୍କୁ ନାଁ ରହିଛି। ସେ ୨୦୧୫ରେ ୬୪ଟି ବଲରେ ୧୫୦ ରନ ପୂରଣ କରିଥିଲେ। ୨୦୨୨ରେ ଇଂଲଣ୍ଡର ଜୋଶ ବଟଲର ୧୫୦ ରନ ପୂରଣ କରିବାକୁ ୬୫ଟି ବଲ ନେଇଥିଲେ।ଲିଷ୍ଟ ଏ କ୍ରିକେଟରେ ସୂର୍ଯ୍ୟବଂଶୀ ଦ୍ୱିତୀୟ ଥର ୧୫୦ରୁ ଅଧିକ ରନ କରିଛନ୍ତି। ପୂର୍ବରୁ ସେ ୨୦୨୫-୨୬ ବିଜୟ ହଜାରେ ଟ୍ରଫିରେ ୩୬ ବଲରେ ଶତକ ଓ ୮୪ ବଲରେ ୧୯୦ ରନର ଇନିଂସ ଖେଳିଥିଲେ। ବୈଭବଙ୍କ ବିସ୍ଫୋରଣ ଯୋଗୁ ଲିଷ୍ଟ ଏ ରେ ଭାରତ ମଧ୍ୟ ନୂଆ ରେକର୍ଡ କରିଛି। ଲିଷ୍ଟ ଏ କ୍ରିକେଟରେ ଭାରତ ୫ ଓଭର ଭିତରେ ଦଳୀୟ ସ୍କୋରକୁ ୧୦୦ରେ ପହଞ୍ଚାଇ ପାରିଛି। ପୂର୍ବରୁ ଏହି ରେକର୍ଡ ନ୍ୟୁ